

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୭ ଜାନୁଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 17 JANUARY 2024

Vol.No. 35 ■ No.17 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ

### ସ୍ଥିତି ଅନୁଧ୍ୟାନ କଲେ ଫାଇଭ୍-ଟି ଅଧ୍ୟକ୍ଷ




ପୁରୀ, ୧୬/୧ (ନି.ପ୍ର): ଆସନ୍ତାକାଲି ପୁରୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହେବ। ଏନେଇ ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ଚାଲିଛି ତ୍ରି ଦିନାତ୍ମକ ହୋମଯଜ୍ଞ । ମନ୍ତ୍ରପାଠରେ ପ୍ରକମ୍ପିତ ହେଉଛି ସମ୍ପୂର୍ଣ୍ଣ ପରିବେଶ । ଚାରି ଦ୍ୱାରରେ ଚାଲିଛି ବେଦପାଠ । ଆସନ୍ତାକାଲି ଯଜ୍ଞର ପୁରୋଧା ଗଜପତି ମହାରାଜ ପୂର୍ଣ୍ଣାହୂତି ଦେବେ । ଏହି ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଓ ଲୋକାର୍ପଣ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଫାଇଭ୍-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ନିମନ୍ତ୍ରିତ ଅତିଥି ଓ ସାଧୁସନ୍ଥ ମାନେ ଯୋଗଦେବେ । ଉତ୍ସବରେ ଯୋଗଦେବାକୁ ଭାରତର କୋଣ ଅନୁକୋଣରୁ ଆସିବେ ବିଶିଷ୍ଟ ଅତିଥି । ୧୨ ଜ୍ୟୋର୍ତିଲିଙ୍ଗ ମନ୍ଦିରର ପୂଜକ, ନେପାଳର ପଶୁପତି ନାଥ ମନ୍ଦିରର ପୂଜକ ଏବଂ ରାଜାଙ୍କ ପ୍ରତିନିଧିଙ୍କ ସମେତ ପ୍ରାୟ ୭୦ରୁ ୮୦ ଜଣ ବ୍ୟକ୍ତି ଆସିବେ। ସେହିପରି ରାଜ୍ୟର ବିଭିନ୍ନ ଦେବାଳୟରୁ ୧୫୦ ଅଧିକ ଅତିଥି କାର୍ଯ୍ୟକ୍ରମରେ ସାମିଲ୍ ହେବେ । ଏହି ଅବସରରେ ଶ୍ରୀ ସେତୁ ଓ ଶ୍ରୀ ଜଗନ୍ନାଥ ବଲ୍ଲଭ କାର୍ ପାର୍କିଂ ଗୃହ ଲୋକାର୍ପିତ ହେବ । ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ୪ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ସୁରକ୍ଷା ପାଇଁ ୪୪ ପ୍ଲାଟୁନ ପୋଲିସ ଫୋର୍ସ ସମେତ ବରିଷ୍ଠ ଅଧିକାରୀ ମୁତୟନ ହୋଇଛନ୍ତି । ୧୭ ତାରିଖ ଲୋକାର୍ପଣ ଦିନ ପାଇଁ ଅଧିକ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ । ସାରା ପୁରୀ ସହର ସିସିଟିଭି ନଜରରେ ରହିବ । ପ୍ରକାଶ ଥାଉକି, ଗତକାଲି ପୁରୀ ଗସ୍ତରେ ଆସି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ । ଆଜି ଫାଇଭ୍-ଟି ଅଧ୍ୟକ୍ଷ ଭି. କେ. ପାଣ୍ଡିଆନ ପହଂଚି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି । ନୀଳାଦ୍ରି ଭକ୍ତ ନିବାସ ଠାରେ ଏହି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାଶ, ସାଂସଦ ମାନସ ମଙ୍ଗରାଜ, ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ ମାନେ ଯୋଗ ଦେଇଥିଲେ।

## ଧର୍ମେନ୍ଦ୍ରଙ୍କ କଟାକ୍ଷ : ଇଷ୍ଟଇଣ୍ଡିଆ ପ୍ରତିନିଧିଙ୍କ ସାର୍ଟିଫିକେଟ୍ ଲୋଡ଼ା ନାହିଁ



ଭୁବନେଶ୍ୱର, ୧୬/୧ (ନି.ପ୍ର): ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟରେ ରାଜନୀତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ଭାଷାରେ ଟାର୍ଗେଟ୍ କରିବା ସହ ଗତ କିଛିଦିନ ଧରି ଫାଇଭ-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ କରୁଥିବା ସମାଲୋଚନାର ମଧ୍ୟ ଜବାବ ରଖିଛନ୍ତି । ଇଷ୍ଟଇଣ୍ଡିଆ ପ୍ରତିନିଧିଙ୍କ ସାର୍ଟିଫିକେଟ୍ ମୋର ଦରକାର ନାହିଁ ବୋଲି ଧର୍ମେନ୍ଦ୍ର କହିଛନ୍ତି । ଆଜି ବିଜେପିର ଏକ ମିଶ୍ରଣ ପର୍ବରେ ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିଧାସଳଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି । ରାଜ୍ୟରେ ରୂପାନ୍ତରଣ ନାଁରେ ଛଳନା ଚାଲିଛି । ରୂପାନ୍ତରଣ ନାଁରେ ଦିନରେ ଲଣ୍ଠନ ଦେଖାଉଛନ୍ତି । ମୁଖ୍ୟମନ୍ତ୍ରୀ ଜନ୍ମ ହେବାପରେ ସୁନା ଚାମଚରେ ଖାଇଲେ, ଗରିବଙ୍କ ଦୁଃଖ ଜାଣିବେ କେମିତି ? ଓଡ଼ିଶାରେ ମହିଳା ଅସୁରକ୍ଷିତ । ମମିତା ମେହେର ଓ ଇତିଶ୍ରୀ ଘଟଣାରେ ମୁଖ୍ୟମନ୍ତ୍ରୀ କ'ଣ କଲେ, ତାହା ସମସ୍ତେ ଦେଖିଲେ । ଆପଣଙ୍କ ଗୁମାସ୍ତାମାନେ ଗୋଟିଏ ଝିଅକୁ ମାରି ପୋତି ଦେଲେ, ଜେଲ ଭିତରେ ଅଭିଯୁକ୍ତ ଆତ୍ମହତ୍ୟା କଲା । କ'ଣ ହେଲା ସେ ମାମଲାରେ, କେହି ଜାଣିପାରିଲେ ନାହିଁ । କିଏ ଧୃତରାଷ୍ଟ୍ର, କିଏ ଆଖିରେ କଳାପଟି ବାନ୍ଧିଛି ଲୋକେ ତା'ର ଜବାବ ଦେବେ । ଶିଶୁଙ୍କ ଅପପୁଷ୍ଟି ହାର ବଢ଼ିଛି । ଘରୋଇ ମେଡିକାଲରେ ଆପଣଙ୍କ କାର୍ଡ ଦୁରୂପଯୋଗ ହେଉଛି । ଆପଣଙ୍କ ଗୁମାସ୍ତାମାନେ କୋଟି କୋଟି ଟଙ୍କା ଲୁଟ୍ କରିବାକୁ ଜାଲ ବିଛାଇଛନ୍ତି । ଆଉ ଲୁଟ୍ କରୁଛନ୍ତି । ଆପଣ ରୂପାନ୍ତରଣ କଥା କହୁଛନ୍ତି । ଓଡ଼ିଶାରେ ପିଲାଙ୍କ ଡ୍ରପଆଉଟ୍ ହାର ୪୯% ଓ ଏହା କ'ଣ ରୂପାନ୍ତରୀକରଣ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି । ଆପଣ ନିଜକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମଭକ୍ତ ବୋଲି କହୁଛନ୍ତି । ଶ୍ରୀଜଗନ୍ନାଥଙ୍କ ପତାକା, ମହାପ୍ରସାଦ ଛୁଇଁ କହିପାରିବେ କି ଆପଣଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ କାମ ଯୋଗାଇ ଦେଉଛନ୍ତି, ଆଉ କେହି ଦାଦନ ଖଟିବାକୁ ଯାଉନାହାନ୍ତି ବୋଲି କହିପାରିବେ କି ?

▶▶ପୃଷ୍ଠା ୭

## ୨୨ ତାରିଖରେ ସରକାରୀ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜୟନାରାୟଣଙ୍କ ଚିଠି

ଭୁବନେଶ୍ୱର, ୧୬/୧ (ନି.ପ୍ର):୨୨ ତାରିଖରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ସରକାରୀ ଛୁଟି ଘୋଷଣା କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ସୂଚନାଯୋଗ୍ୟ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ସାରା ରାଜ୍ୟରେ ଛୁଟି ଘୋଷଣା କରିଛନ୍ତି।

## ଲୋକାର୍ପଣ ପୂର୍ବରୁ ଗଜପତି କହିଲେ- ଗୁଆ ଓ ଚାଉଳ ନିଷ୍ପତ୍ତି ଆମର ନୁହେଁ



ପୁରୀ, ୧୬/୧ (ନି.ପ୍ର): ରାତି ପାହିଲେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ତା' ପୂର୍ବରୁ ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ଦେଇଛନ୍ତି ଗୁରୁତ୍ୱପୂର୍ଣ୍ଣ ସୂଚନା। ଅର୍ପଣ ରଥରେ ଗୁଆ ଓ ଚାଉଳ ସଂଗ୍ରହକୁ ନେଇ ଗଜପତି କହିଛନ୍ତି, ଗୁଆ ଓ

▶▶ପୃଷ୍ଠା ୭

## ଆଜିଠୁ ଆରମ୍ଭ ରାମଲାଲା ପ୍ରାକ୍ ପ୍ରତିଷ୍ଠା ରୀତିନୀତି

### ୧୮ରେ ଗର୍ଭଗୃହରେ ରାମଲାଲାଙ୍କ ପ୍ରତିମା ସ୍ଥାପନ, ୨୨ରେ ପ୍ରାଣ ପ୍ରତିଷ୍ଠା



ନୂଆଦିଲ୍ଲୀ, ୧୬/୧ : ଅଯୋଧ୍ୟାରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାରୋହକୁ ଆଉ ମାତ୍ର ୬ଦିନ । ଆଜିଠୁ ବିଜ୍ଞ ପଣ୍ଡିତଙ୍କ ମନ୍ତ୍ରଧ୍ୱନି ଏବଂ ପୂଜାର୍ଚ୍ଚନା ମଧ୍ୟରେ ପ୍ରାଣ ପ୍ରତିଷ୍ଠାର ପ୍ରାକ ପୂଜାବିଧି ଆରମ୍ଭ ହୋଇଛି । ୧୮ତାରିଖରେ ଗର୍ଭଗୃହରେ ସ୍ଥାପନ ହେବ ରାମଲାଲାଙ୍କ ପ୍ରତିମୂର୍ତି, ୨୨ତାରିଖରେ କରାଯିବ ପ୍ରାଣ ପ୍ରତିଷ୍ଠା । ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟବୋର୍ଡର ମହାସଚିବ ଚମ୍ପତରାୟ ସାମ୍ବାଦିକ ସମ୍ମିଳନୀରେ ୬ଦିନ ଧରି ଚାଲିବାକୁ ଥିବା ସମସ୍ତ କାର୍ଯ୍ୟକ୍ରମକୁ ନେଇ ସୂଚନା ଦେଇଛନ୍ତି । ଆଜିଠୁ ପ୍ରାଣ ପ୍ରତିଷ୍ଠାର ପ୍ରାକ ପୂଜାବିଧି ଆରମ୍ଭ ହେବାକୁ ଥିବା ବେଳେ ୨୧ତାରିଖ ଯାଏ ରାମ ଲାଲାଙ୍କ ବିଭନ୍ନ ଅଧିବାସ, ଜଳାଧିବାସ, ଶଯ୍ୟାବାସ ଔଷଧିବାସ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ । ୨୨ ତାରିଖ ଦିନ ୧୨ଟାରୁ ୧ଟା ମଧ୍ୟରେ ୪୦ମିନିଟ୍ ଧରି ଅନୁଷ୍ଠିତ ହେବ ରାମ ଲାଲାଙ୍କ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମ । ଏହା ପୂର୍ବରୁ ୧୮ତାରିଖରେ ଗର୍ଭଗୃହରେ ରାମଲାଲାଙ୍କ ୫ବର୍ଷ ବାଳକ ସ୍ୱରୁପର ପ୍ରତିମା ସ୍ଥାପନ କରାଯିବ । ଏହ ପ୍ରତିମାର ଓଜନ ୧୫୦ରୁ ୨୦୦କିଲୋଗ୍ରାମର । ମହୀଶୂରର ପ୍ରସିଦ୍ଧ ଶୀଳ୍ପି ଅରୁଣ ଯୋଗୀରାଜଙ୍କ ଦ୍ୱାର ନିର୍ମିତ ପ୍ରତିମା ସହ ପୁରାତନ ପ୍ରତିମା ମଧ୍ୟ ଗୃହରେ ସ୍ଥାନ ପାଇବ । କାଶୀର ଗଣେଶ୍ୱର ଶାସ୍ତ୍ରୀ ଏହି ଦିବ୍ୟ ମୂହୁର୍ତକୁ ସ୍ଥିର କରିଥିବା ବେଳେ ମୋଟ ୧୨୧ଜଣ ଆଚାର୍ଯ୍ୟ କର୍ମକାଣ୍ଡକୁ ସମାପନ କରିବେ । ପଣ୍ଡିତ ଲକ୍ଷ୍ମୀକାନ୍ତ ଦିକ୍ଷିତଙ୍କ ତତ୍ତ୍ୱାବଧାନରେ ଶୁଭକାର୍ଯ୍ୟ ସମ୍ପାଦିତ ହେବାକୁ ଥିବା ବେଳେ ଏହି ସମୟରେ ଗର୍ଭଗୃହରେ ଉପସ୍ଥିତ ରହିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର

▶▶ପୃଷ୍ଠା ୭

## ଦୁଇଟି ସ୍ଥାନରେ ଚଢାଉ: ୪କୋଟି ଟଙ୍କାର ଗଞ୍ଜେଇ ଗଛ ନଷ୍ଟ

ବୌଦ୍ଧ, ୧୬/୧ (ନି.ପ୍ର): ବୌଦ୍ଧ ଜିଲ୍ଲାରେ ବିଭିନ୍ନ ଜଙ୍ଗଲ ଜମିରେ ଚାଲିଥିବା ବେଆଇନ୍ ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛି ବୌଦ୍ଧ ଆଦର୍ଶ ଥାନା ପୁଲିସ୍। ଆଦର୍ଶ ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଦିନକୁ ଦିନ ବିଭିନ୍ନ ଅଞ୍ଚଳରେ ଥିବା ଜଙ୍ଗଲ ଜମିରେ ହେଉଥିବା ଗଞ୍ଜେଇ ଚାଷକୁ ଚିହ୍ନଟ କରିବା ସହିତ ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିବା ଅଭିଯାନ ଜାରି ରଖିଛି ପୁଲିସ୍। ଏହି ଅଭିଯାନ ଅନୁଯାୟୀ ବୌଦ୍ଧ ଆଦର୍ଶ ଥାନା ପୁଲିସ ପକ୍ଷରୁ ଦୁଇଟି ଜଙ୍ଗଲରେ ଚଢାଉ କରି ପ୍ରାୟ ୪୩ ହଜାରରୁ ଊର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରିଥିବା ପୁଲିସ୍ ସୂଚନା ଦେଇଛି। ଥାନା ଅଧିକାରୀ ସାରଦା ପ୍ରସନ୍ନ ଦାସଙ୍କ ନେଉତୃତ୍ୱରେ ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ବିଯାପଦର୍ ଗ୍ରାମ୍ୟ ଜଙ୍ଗଲରେ ଏକ ଟିମ୍ ଚଢାଉ କରି ୨୮ ଏକର ଜମିରେ ଲଗାଯାଇଥିବା ୨୮ ହଜାରରୁ ଊର୍ଦ୍ଧ୍ୱ ଏବଂ ରାମେଶ୍ୱର ଜଙ୍ଗଲରେ ଚଢ଼ାଉ କରି ୧୫ ଏକର ଜମିରେ ହୋଇଥିବା

▶▶ପୃଷ୍ଠା ୭

## କର୍ମଚାରୀଙ୍କୁ ବାହାର କରି ବ୍ଲକ୍ ଅଫିସ୍‌ରେ ତାଲା ପକାଇଲେ ଜନପ୍ରତିନିଧି



ନବରଙ୍ଗପୁର, ୧୬/୧ (ନି.ପ୍ର): କର୍ମଚାରୀଙ୍କୁ ବାହାର କରି ବ୍ଲକ ଅଫିସ୍‌ରେ ତାଲା ପକାଇଲେ ଜନପ୍ରତିନିଧି। ବିଡିଓଙ୍କ ବଦଳି ନହେଲା ପର୍ଯ୍ୟନ୍ତ ତାଲା ଖୋଲିବ ନାହିଁ ବୋଲି ଜନପ୍ରତିଧିମାନେ ରୋକ୍‌ଠୋକ୍ ଶୁଣାଇ ଦେଇଛନ୍ତି। ଆଜି ଏପରି ଘଟଣା ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଅଫିସ୍‌ରେ ଦେଖିବାକୁ ମିଳିଛି। ନନ୍ଦାହାଣ୍ଡି ବ୍ଲକ୍‌ର ବିଡ଼ିଓ କ୍ଷୀରୋଦ ଚନ୍ଦ୍ର ସାହୁ ଜନ ପ୍ରତିନିଧିଙ୍କୁ ସରକାରୀ ଯୋଜନା ସମ୍ପର୍କରେ କୌଣସି ସୂଚନା ଦେଉନାହାନ୍ତି। ଲୋକ ଦେଖାଣିଆ ଭାବେ ବୈଠକ ପୂର୍ବଦିନ

▶▶ପୃଷ୍ଠା ୭

## ବିଏସକେୱାଇ ନବୀନ କାର୍ଡ ପଞ୍ଜିକରଣ ଅବଧି ବୃଦ୍ଧି

ଭୁବନେଶ୍ୱର, ୧୬/୧ (ନି.ପ୍ର): ବିଏସକେୱାଇ ନବୀନ କାର୍ଡ ପଞ୍ଜିକରଣ ଅବଧି ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଆଜି ଆବେଦନର ଶେଷ ତାରିଖ ଥିବା ବେଳେ ଏହାକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଜାନୁଆରି ୨୬ ତାରିଖ ଯାଏ ଲୋକେ ଅନଲାଇନରେ ପଞ୍ଜିକରଣ କରିପାରିବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଆହୁରି ଅନେକ ଲୋକ ଆବେଦନ କରିନଥିବାରୁ ପଞ୍ଜିକରଣ ଅବଧିକୁ ବୃଦ୍ଧି କରାଯାଇଥିବା ଜଣାଯାଇଛି। ଏବେ ସୁଦ୍ଧା ୩୦ ଜିଲ୍ଲାରୁ ବିଏସକେୱାଇ ନବୀନ କାର୍ଡ ପାଇର୍ ୭୦,୪୮୮ ଆବେଦନ ଆସିଛି। ଯେଉଁଥିରେ ୧.୮୨ ଲକ୍ଷ ଲୋକ ଉପକୃତ ହୋଇପାରିବେ। ଗଞ୍ଜାମରୁ ସର୍ବାଧିକ ଆବେଦନ ଆସିଥିବା ବେଳେ ଏହା ପଛକୁ କଟକ ଓ ଖୋର୍ଦ୍ଧା ଜିଲ୍ଲା ରହିଛି। ଗଞ୍ଜାମରୁ ବିଏସକେୱାଇ ନବୀନ କାର୍ଡ ପାଇଁ ସର୍ବାଧିକ ୯୫୨୫ଟି ଆବେଦନ ଆସିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଏସକେୱାଇ-ନବୀନ କାର୍ଡର

▶▶ପୃଷ୍ଠା ୭

## ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିବାବେଳେ ରାମ ମନ୍ଦିରର ଶିଳାନ୍ୟାସ ହୋଇଥିଲା: ଶରଦ ପାୱାର



ନୂଆଦିଲ୍ଲୀ, ୧୬/୧ : ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାରେ ରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ରାମ ଲଲାଙ୍କ ମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାଯିବ। ତା'ପୂର୍ବରୁ ଏହି ପ୍ରସଙ୍ଗକୁ ନେଇ ରାଜନୀତିକ ବୟାନବାଜି ବଢ଼ି ଚାଲିଛି। ଆଜି କର୍ଣ୍ଣାଟକାର ନିପାନିଠାରେ ଏକ ସାଧାରଣ ସଭାରେ ଏନ୍‌ସିପି ମୁଖ୍ୟ ଶରଦ ପାୱାର କହିଥିଲେ ଯେ ରାଜୀବ ଗାନ୍ଧି ପ୍ରଧାନମନ୍ତ୍ରୀ ଥିବା ସମୟରେ ରାମ ମନ୍ଦିରର ଶିଳାନ୍ୟାସ ହୋଇଥିଲା। ଆଉ ଏବେ ବିଜେପି ଓ ଆରଏସଏସ ଭଗବାନ ରାମଙ୍କ ନାଁରେ ରାଜନୀତି କରୁଛନ୍ତି। ଆଗକୁ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧ ଦିନିଆ ଅନୁଷ୍ଠାନ କରୁଛନ୍ତି। ଏହା ଉପରେ ପ୍ରତିକ୍ରିୟା ଦେଇ ଶରଦ ପାୱାର କହିଥିଲେ, ଭଗବାନ ରାମଙ୍କ ପ୍ରତି ତାଙ୍କର ଥିବା ବିଶ୍ୱାସକୁ ମୁଁ ସମ୍ମାନ ଜଣାଉଛି। କିନ୍ତୁ ଯଦି ସେ ଦ୍ରାରିଦ୍ର୍ୟ ଦୂରୀକରଣ ପାଇଁ ଉପବାସ କରିଥା'ନ୍ତ, ତା'ହେଲେ ଲୋକେ ଏହାକୁ ପ୍ରଶଂସା କରିଥା'ନ୍ତେ। ସେହିପରି ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବକୁ ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବିଜେପି ଓ ଆରଏସଏସକୁ ଟାର୍ଗେଟ କରିଥିଲେ କଂଗ୍ରେସ ନେତା ରାହୁଲ ଗାନ୍ଧି। ସେ କହିଥିଲେ, ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ 'ନରେନ୍ଦ୍ର ମୋଦି ଓ ଆରଏସ୍‌ଏସ୍-ବିଜେପି କାର୍ଯ୍ୟକ୍ରମ'ରେ ପରିଣତ ହୋଇଯାଇଛି। ଆଉ ଏଥିରେ ନିର୍ବାଚନୀ ଛୁଙ୍କ ଦିଆଯାଇଛି।

## କୃଷ୍ଣ ଜନ୍ମଭୂମି ମାମଲା: ମସଜିଦରେ ସର୍ଭେ ନିର୍ଦ୍ଦେଶକୁ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୬/୧ : ଉତ୍ତର ପ୍ରଦେଶ ମଥୁରା ଶ୍ରୀକୃଷ୍ଣ ଜନ୍ମଭୂମି ମାମଲା ଉପରେ ଆଜି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଶାଣାଣି କରିଛନ୍ତି। ସାହି ଇଦଗାହ ମସଜିଦରେ ସର୍ବେକ୍ଷଣ ପାଇଁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି ସୁପ୍ରିମକୋର୍ଟ। ଜାନୁଆରୀ ୨୩ରେ ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସର୍ଭେ ସ୍ଥଗିତ ରହିଛି। ମଥୁରାରରେ ଥିବା କୃଷ୍ଣ ଜନ୍ମଭୂମି ଏବଂ ସାହି ଇଦଗାହ ମସଜିଦକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଛି। ଭଗବାନ କୃଷ୍ଣଙ୍କ ଜନ୍ମ ସ୍ଥାନରେ ମସଜିଦ ନିର୍ମାଣ ହୋଇଥିବା ଦାବି କରି ଆସୁଛନ୍ତି ହିନ୍ଦୁ ପକ୍ଷ। କିନ୍ତୁ ମୁସଲିମ ପକ୍ଷ ଏହାକୁ ବିରୋଧ କରୁଥିବାରୁ ମାମଲା କୋର୍ଟରେ ପହଞ୍ଚିଛି। ଡିସେମ୍ବରରେ ଆହ୍ଲାବାଦ ହାଇକୋର୍ଟ ଏ ଉପରେ ଏକ ଶୁଣାଣି

▶▶ପୃଷ୍ଠା ୭

# ବାଲେଶ୍ୱର ଜିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪ ଉଦ୍‌ଯାପିତ

ବାଲେଶ୍ୱର, ୧୬/୧ (ନି.ପ୍ର): ସ୍ଥାନୀୟ ପୋଲିସ ଲାଇନ ପଡିଆରେ ୫ ଦିନ ଧରି ଚାଲିଥିବା ବାଲେଶ୍ୱର ଜ୍ଲିଲ୍ଲା ମହୋତ୍ସବ କୋଶମ୍ବ-୨୦୨୪, ଜାତୀୟ ସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ମୁଖ୍ୟ ଆକର୍ଷଣ ଭାବେ ବଲିଉଡ଼ର ପ୍ରଖ୍ୟାତ ଗାୟିକା ନୀତି ମୋହନଙ୍କ ସଙ୍ଗୀତ ପରିବେଷଣରେ ବିଭୋର ହୋଇଥିଲେ ଦର୍ଶକ ଓ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ବିଧାୟକ, ବାଲେଶ୍ୱର ସଦର ଶ୍ରୀଯୁକ୍ତ ସ୍ୱରୂପ ଦାସ, ମାନ୍ୟବର ବିଧାୟକ ରେମୁଣା, ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ମାନନୀୟା ପୌରଧକ୍ଷା ଶ୍ରୀମତୀ ସବିତା ସାହୁ, ରେମୁଣା ଏନ.ଏ.ସି ମାନନୀୟା ଅଧକ୍ଷା ଶ୍ରୀମତୀ ତନୁଜା ଗିରି, ଜିଲ୍ଲା ପରିଷଦର ମାନନୀୟ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀଯୁକ୍ତ ସୁଧାକର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀମତୀ ପ୍ରିୟଦର୍ଶିନୀ ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ । ସଭା ପ୍ରାରମ୍ଭରେ କୋଶମ୍ବ-୨୦୨୪ ମହୋତ୍ସବକୁ ନିରନ୍ତର ସମର୍ଥନ ଦେଇ ସଫଳ କରିଥିବାରୁ ବିଭିନ୍ନ ବିଭାଗ, ବିଭାଗୀୟ ଅଧିକାରୀ ଏବଂ ସଂସ୍ଥାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ । ବିଗତ ଚାରି ଦିନ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ହସ୍ତତନ୍ତ ହସ୍ତଶିଳ୍ପ, ପାରମ୍ପାରିକ ବସ୍ତ୍ର ଏବଂ ସ୍ଥାନୀୟ ସୁସ୍ୱାଦୁ ଖାଦ୍ୟ ସହିତ ଏକ ଅନନ୍ୟ ସପିଂ ଅଭିଜ୍ଞତା ନେଇ ମହୋତ୍ସବର ଭରପୁର ମଜା ଉଠାଇଥିଲେ ବାଲେଶ୍ୱର ଜନସାଧାରଣ ଓ ପାରମ୍ପାରିକ ନୃତ୍ୟ, ବାଦ୍ୟଯନ୍ତ୍ରର ଏକ୍ସଟ୍ରାଭାଗାନଜା ଏବଂ ନାଟ୍ୟ ଉପସ୍ଥାପନା ଦ୍ୱାରା ଅନେକ ଶିକ୍ଷଣୀୟ ବାର୍ତ୍ତା ପ୍ରଦର୍ଶନ କରିଥିଲେ ବାଲେଶ୍ୱରର ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ଓ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗ ତରଫରୁ ଆୟୋଜିତ ହୋଇଥିଲା ଅନେକ କର୍ମଶାଳା ଏବଂ ସଚେତନତା ଶିବିର ଯେଉଁଥିରେ ବିପୁଳ ସଂଖ୍ୟାରେ ଯୋଗ ଦେଇ ଜ୍ଞାନ ତଥା କୌଶଳ ପ୍ରାପ୍ତ କରିଥିଲେ ଜନସାଧାରଣ ।

କୋଶମ୍ବ-୨୦୨୪ ର ଉଦଯାପନୀ ସନ୍ଧ୍ୟାରେ ବହୁ ସଂଖ୍ୟାରେ ଯୋଗ ଦେଇ ବାଲେଶ୍ୱରର ଜନସାଧାରଣ ଏହି ମହାସମାରୋହକୁ ଉପଭୋଗ କରିଥିଲେ।

# ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରପ୍ ମିଲ୍ -୨ ବିଭାଗର ଠିକା ଶ୍ରମିକ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ



ରାଉରକେଲା, ୧୬/୧ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ହଟ୍ ଷ୍ଟ୍ରପ୍ ମିଲ୍ -୨ ବିଭାଗର ସମ୍ମିଳନୀ କକ୍ଷରେ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ଏକ ସ୍ୱତନ୍ତ୍ର ପୁରସ୍କାର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ହଟ୍ ଷ୍ଟ୍ରପ୍ ମିଲ୍ -୨ ବିଭାଗର ମୁଖ ମହାପ୍ରବନ୍ଧକ ଶ୍ରୀ ଆର କେ ମୁଦୁଲି ଅଧକ୍ଷତା କରିବା ସହିତ ମେସର୍ଷ ହିନ୍ଦୁସ୍ତାନ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ ଲିମିଟେଡ୍ ର ହଟ୍ ଷ୍ଟ୍ରିପ୍ ମିଲ୍ -୨ ବିଭାଗରେ ନିୟୋଜିତ ୪ ଜଣ ଠିକା କର୍ମଚାରୀ ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କାର୍ମିକ-ସିଏଲସି ବିଭାଗର ମହା ପ୍ରବନ୍ଧକ ଶ୍ରୀ ସଞ୍ଜୟ ମେହେରୋତ୍ରା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ତଥା ହଟ୍ ଷ୍ଟ୍ରପ୍ ମିଲ୍ -୨ ବିଭାଗର ର କର୍ମଚାରୀ ଏବଂ ସମ୍ପୃକ୍ତ ସଂସ୍ଥାର ପ୍ରତିନିଧୀମାନେ ମଧ ଉପସ୍ଥିତ ଥିଲେ। ଶ୍ରୀ ଆର.କେ.ମୁଦୁଲି, ଠିକା ଶ୍ରମିକମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ କାରଖାନାର ପ୍ରଦର୍ଶନ ବଜାୟ ରଖିବା ପାଇଁ ପ୍ରତିବଦ୍ଧତା ସହିତ କାର୍ଯ୍ୟଜାରି ରଖିବାକୁ ଅନୁରୋଧ କରିଥିଲେ। ଶ୍ରୀ ମେହେରୋତ୍ରା ନିଜର ବକ୍ତବ୍ୟରେ ଠିକା ଶ୍ରମିକମାନଙ୍କ ପାଇଁ ଆରଏସପିର ବିଭିନ୍ନ କଲ୍ୟାଣକାରୀ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ । ହଟ୍ ଷ୍ଟ୍ରପ୍ ମିଲ୍ -୨ ବିଭାଗର ଓ ସି ଟି ଶ୍ରୀ ସମୀର ଦାଶ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଝୁଲନ୍ତା ଅବସ୍ଥାରେ ଯୁବତୀର ଶବ ଉଦ୍ଧାର

ଜୟପୁର, ୧୬/୧ (ନି.ପ୍ର): ଯୁବତୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ। ଏ ଘଟଣାଟି ବୈପାରୀଗୁଡା ଥାନା ଅନ୍ତର୍ଗତ ନୂଆ ଘସରଡା ଗାଁର ଘଟିଛି। ମୃତ ଯୁବତୀ ଦିଗାପୁର ପଂଚାୟତ ନୂଆ ଘସରଡା ଗାଁର ଗୌରୀ ମାଝୀ। ଆଜି ସକାଳେ ଗାଁ ବାହାରେ ଥିବା ଏକ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ସଙ୍ଗେ ସଙ୍ଗେ ବୈପାରୀଗୁଡା ପୁଲିସକୁ ଖବର ଦେବାପରେ ପୁଲିସ ଘଟଣାସ୍ଥଳକୁ ଆସି ତଦନ୍ତ କରି ମୃତଦେହକୁ ଜବତ କରିଥିଲା। ହେଲେ ଏହା ଆତ୍ମହତ୍ୟା କି ହତ୍ୟା ତାହା ସ୍ପଷ୍ଟ ହୋଇ ପାରିନାହିଁ। ଏପଟେ ଏହା ଆତ୍ମହତ୍ୟା ନୁହେଁ ଏହା ହତ୍ୟା ବୋଲି ପରିବାର ଲୋକେ ଏବଂ ଗାଁ ଲୋକେ ଅଭିଯୋଗ ଆଣିଛନ୍ତି।

# ଗିଲାଜୋଡିରେ ପ୍ରଣାମ ଭାରତ ତରଫରୁ ମକର ସଂକ୍ରାନ୍ତି ଉପଲକ୍ଷେ ରାମ ମନ୍ଦିର କାର୍ଯ୍ୟକ୍ରମ

ବସ୍ତା , ୧୬/୧ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଉଦୀୟମାନ ସାମାଜିକ ସାଂସ୍କୃତିକ ସଂଗଠନ 'ପ୍ରଣାମ ଭାରତ' ତରଫରୁ ଆଗାମୀ ୨୨ତାରିଖ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉପଲକ୍ଷେ ରଘୁନାଥପୁର ପଞ୍ଚାୟତ ର ଗିଲାଜୋଡି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ ରେ ମକର ସଂକ୍ରାନ୍ତି ଅବସରରେ ଏକ ଆଧାତ୍ମିକ ସଭା ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତ୍ରିଭୁବନ ଦାସ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ବକ୍ତା ଭାବେ ବିଶ୍ୱହିନ୍ଦୁ ପରିଷଦ ର କ୍ଷେତ୍ରୀୟ ସମ୍ପାଦକ ପଣ୍ଡିତ ଗୌରୀପ୍ରସାଦ ରଥ ଉଦବୋଧନ ଦେଇ ରାମମନ୍ଦିର ପାଇଁ ଆନ୍ଦୋଳନ ଓ ସଂଗ୍ରାମର ଇତିହାସ ବର୍ଣ୍ଣନା କରିଥିଲେ।




ସମ୍ମାନିତ ଅତିଥି ସମାଜସେବୀ ଶ୍ୟାମାପ୍ରସାଦ ବେହେରା ରାମମନ୍ଦିର ନିର୍ମାଣ ଭାରତୀୟ ସନାତନ ସଂସ୍କୃତିର ପୁନଃଜାଗରଣ ବୋଲି ଉଲ୍ଲେଖ କରିଥିଲେ। ଅନୁଷ୍ଠାନର ଉଦ୍ଯୋକ୍ତା ଇଂ ପରମାନନ୍ଦ ମହାପାତ୍ର ଅନୁଷ୍ଠାନର ଲକ୍ଷ ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶିର ସେନାପତି, ଧ୍ରୁବଚରଣ ନାୟକ, ଶ୍ରୀପତି ଚରଣ ପାତ୍ର, ନୃସିଂହ ଦାସ ମହାପାତ୍ର, ସପନ ବେହେରା, ସମ୍ପାଦିକା ଯୋଗସ୍ମିତା ମହାପାତ୍ର, ଭାସ୍କର ଘୋଷ ପ୍ରମୁଖ ଉଦବୋଧନ ଦେଇଥିଲେ। ଶିକ୍ଷାବିତ କୃଷ୍ଣ ମୋହନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ଏକହଜାର ରୁ ଅଧିକ ଭକ୍ତ ପ୍ରସାଦ ସେବନ କରିଥିଲେ ଓ ଚମତ୍କାର ହରିଭଜନ ଓ ସଙ୍କୀର୍ତ୍ତନ ପରିବେଷଣ କରଯାଇଥିଲା।

# ଅମଲାଙ୍କ ଦାବି ପୂରଣ ନିମନ୍ତେ ସମୂହ ଦୀପଦାନ

ଜୟପୁର, ୧୬/୧ (ନି.ପ୍ର): ଦୀର୍ଘ ଦିନର ଅମଲା ମାନଙ୍କ ଏକ ମାତ୍ର ଦାବି ପୁରଣରେ ସରକାର ବାରମ୍ବାର ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ମଧ ଯେହେତୁ ଏ ଯାଏଁ ଅମଲା ମାନଙ୍କ ଏକ ମାତ୍ର ଦାବି ପୁରଣ କ୍ଷେତ୍ରରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରିଚାଲିଛନ୍ତି ଏ ନେଇ ଆଜି ଜୟପୁର ପାୱାର ହାଉସ୍ ସ୍ଥିତ ହନୁମାନ, ଶିବ ଓ ସନିମନ୍ଦିର ପ୍ରାଙ୍ଗଣରେ ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅମଳା ସମୂହ ଦୀପଦାନ କରି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଅମଲା ମାନଙ୍କ କ୍ଷେତ୍ରରେ ସରକାରଙ୍କ ଏପରି ବୈମାତୃକ ମନୋଭାବକୁ ନେଇ ଉପସ୍ଥିତ ସମସ୍ତ ଅମଲା ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏ ନେଇ ଶିବ ମନ୍ଦିର ପ୍ରକୋଷ୍ଠରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶଶୀଭୂଷଣ ଦାଶ ସଭାପତି ମିଳିତ ଅମଲା ମଂଚ କୋରାପୁଟ ଜିଲ୍ଲା ଶାଖା ସଭାପତିତ୍ୱ କରିଥିଲା ବେଳେ ନରେନ୍ଦ୍ର ନାଥ ତ୍ରିପାଠୀ ପୂର୍ବତନ ଉପସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ, ଯେହେତୁ ଅମଲା ମାନଙ୍କ ଦାବି ପୁରଣରେ ବହୁତ ବିଳମ୍ବ ହୋଇଛି, ତେଣୁ ଉପସ୍ଥିତ ସମସ୍ତ ଅମଲା ଆନ୍ଦୋଳନକୁ ଓହ୍ଲାଇବା ନେଇ ମତାମତ ଉପସ୍ଥାପନ କରିଥିଲେ। ସରକାର ଯଦି ଅମଲା ମାନଙ୍କ ଦାବି ପୁରଣରେ ବିଳମ୍ବ କରନ୍ତି ତାହେଲେ ପୁଣି ଥରେ ଜିଲ୍ଲା ସ୍ତରୀୟ ସମସ୍ତ ଅମଲା ଆନ୍ଦୋଳନକୁ ଓହ୍ଲାଇବା ନେଇ ଲକ୍ଷ୍ମୀକାନ୍ତ ଦାଶ ଅଧକ୍ଷ ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ଓ ଓଡ଼ିଶା ଅମଲା ସଂଘ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ।

## ଶିଖ ସମ୍ପ୍ରଦାୟ ତରଫରୁ ନଗର ସଂକୀର୍ତ୍ତନ

ଜୟପୁର, ୧୬/୧ (ନି.ପ୍ର): ଜୟପୁର ସହରରେ ବସବାସ କରୁଥିବା ଶିଖ ସମ୍ପ୍ରଦାୟ ତରଫରୁ ସୋମବାର ସଗର ସଂକିର୍ତ୍ତନ କରାଯାଇଛି । ଶିଖ ମାନଙ୍କର ୧୦ମ ଗୁରୁ ଗୋବିନ୍ଦ ସିଂ ଙ୍କ ଜୟନ୍ତୀ ଉପଲକ୍ଷେ ଏହି ନଗର ସଂକିର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଂକିର୍ତ୍ତନ ରଜାନହର ଠାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଗୁରୁଦ୍ୱାରରେ ଶେଷ ହୋଇଥିଲା । ଏହି ସଂକିର୍ତ୍ତନ ଶୋଭାଯାତ୍ରାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ପୁବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ,ଜିଲା ପରିଷଦ ଉପାଧକ୍ଷ ରାଧା ବିନୋଦ ସାମନ୍ତରାୟ, ,ପୌର ଉପାଧକ୍ଷ ବି.ସୁନିତା, ହିମାଂଶୁ ମହାପାତ୍ର,ଗୌତମ ସାମନ୍ତରାୟ ସହ ଶିଖ ଓ ପଞ୍ଜାବି ସମ୍ପ୍ରଦାୟର ହିନ୍ଦୁ ସଂଗଠନର ସଦସ୍ୟ ମାନେ ଉପସ୍ଥିତ ଥିଲେ ।

# ଦୀପିକା ଇସ୍ପାତ ଶିକ୍ଷା ସଦନରେ ଦ୍ୱାଦଶ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ




ରାଉରକେଲା, ୧୬/୧ (ନି.ପ୍ର): ଦୀପିକା ଇସ୍ପାତ ଶିକ୍ଷା ସଦନରେ ଦ୍ୱାଦଶ ବାର୍ଷିକ ଉତ୍ସବ ଏବଂ ପୁରସ୍କାର ପ୍ରଦାନ ସମାରୋହ ଜାନୁଆରୀ ୧୩ ତାରିଖରେ ଅନୁଷ୍ଠିତ ହୋଇଥିଲା। ଦୀପିକା ମହିଳା ସଂଘଠିର ଅଧକ୍ଷା ଶ୍ରୀମତୀ ସୀମା ଦେବ ଭୌମିକ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଦୀପିକା ମହିଳା ସଂଘଠିର ଉପାଧକ୍ଷା ଶ୍ରୀମତୀ ହର୍ଷଲା ସୂର୍ଯ୍ୟବଂଶୀ, ଡକ୍ଟର ସୁସ୍ମିତା ଦାସ, ଶ୍ରୀମତୀ ନମ୍ରତା ବର୍ମା ଏବଂ ଶ୍ରୀମତୀ ପ୍ରଭାତୀ ମିଶ୍ର ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଉତ୍ସବରେ ସଂଘଠିର ସଚିବ ଶ୍ରୀମତୀ ନିଧି ସିଙ୍ଘଲ, ପରିଚାଳନା ପରିଷଦର ସଦସ୍ୟାବୃନ୍ଦ, ଇସ୍ପାତ ବିଦ୍ୟା ମନ୍ଦିରର ଅଧକ୍ଷ ଡକ୍ଟର ସୁପ୍ରକାଶ ତ୍ରିପାଠୀ, ଡ଼ି ଆଇଏସଏସର ପ୍ରଧାନ ଶିକ୍ଷକ ଶ୍ରୀ ଏସ୍ ସାମଲ, ବିଦ୍ୟାଳୟ ପ୍ରଶାସକ ଶ୍ରୀ ଏସ୍ କେ ମିଶ୍ର, , ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଆନୁଷ୍ଠାନିକ ପ୍ରଦୀପ ପ୍ରଜ୍ୱଳନ ସହିତ ଏହି କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ଶ୍ରୀମତୀ ଭୌମିକ ଛାତ୍ର ଜୀବନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ବ୍ୟକ୍ତିତ୍ୱର ସାମଗ୍ରିକ ବିକାଶ ପାଇଁ ପାଠ୍ୟୋପରି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ଏବଂ ଅଧ୍ୟୟନ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକଳାପ ମଧ୍ୟରେ ଏକ ସୁସ୍ଥ ସନ୍ତୁଳନ ସୃଷ୍ଟି କରିବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ । ମାନ୍ୟଗଣ୍ୟ ବ୍ୟକ୍ତିମାନେ ବିଭିନ୍ନ ବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତା ପାଇଁ ପୁରସ୍କାର ପ୍ରଦାନ କରିବା ସହିତ ବିଭିନ୍ନ କ୍ରୀଡା ଇଭେଣ୍ଟର ବିଜେତାମାନଙ୍କୁ ତଥା ପାଠ୍ୟରେ ଉତ୍କର୍ଷତା ପାଇଁ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବର ପ୍ରମୁଖ ଆକର୍ଷଣ ଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ବିଜୟିନୀ ଜେନା ସମାବେଶକୁ ସ୍ୱାଗତ କରିଥିଲେ । ପ୍ରଧାନଶିକ୍ଷକ ବିଦ୍ୟାଳୟର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସୁଶ୍ରୀ ନିହାରିକା ବଳ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନିତାଇଗୌର ମଠରେ ବିଧାୟକଙ୍କ ଉପସ୍ଥିତିରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ନୀଳଗିରି, ୧୬/୧ (ନି.ପ୍ର): ଆଗାମୀ ୨୨ ତାରିଖ ରାମ ଜନ୍ମଭୂମି ଅଯୋଧାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ନବନିର୍ମିତ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା କରାଯିବ। ଏହି ଉପଲକ୍ଷେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଜାନୁଆରୀ ୧୪ତାରିଖରୁ ୨୧ତାରିଖ ପର୍ଯ୍ୟନ୍ତ ଭାରତର ପ୍ରତ୍ୟେକ ମନ୍ଦିର, ମଠ ଧର୍ମସ୍ଥଳୀ ମାନଙ୍କରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯିବ। ଏହି ଅବସରରେ ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବ୍ଲକର ତେଲିପାଳ ପଞ୍ଚାୟତ ଅନ୍ତର୍ଗତ ତଳ ଭାଗାବନ୍ଧ ଗ୍ରାମର ନିତାଇଗୌର ମଠରେ ସ୍ୱଚ୍ଛତା ପାଇଁ ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମଠର ଚତୁର୍ପାଶ୍ୱ ଏବଂ ରାସ୍ତାକୁ ଝାଡୁ ଧରି ସଫେଇ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତେଲିପାଲ ପଞ୍ଚାୟତର ଯୁବନେତା ତଥା ରିଷିଆ ପାଣିପଞ୍ଚାୟତ ଏଫେକ୍ସ କମିଟିର ସଭାପତି ଉପେନ୍ଦ୍ର ଦାସ, ଆରବନ୍ଧ ସରପଞ୍ଚ କୁଳମଣୀ ନାୟକଙ୍କ ସହିତ ବହୁ ଅଞ୍ଚଳବାସୀ ଯୋଗଦେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ।



# ଟି.ପି.ଏସ୍.ଓ.ଡି.ଏଲ୍. ଜୟପୁର ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ମୋଟର ସାଇକେଲ ଶୋଭାଯାତ୍ରା

ଜୟପୁର, ୧୬/୧ (ନି.ପ୍ର): ଟି.ପି .ଏସ୍. ଓ. ଡି. ଏଲ୍. ଜୟପୁର ଆନୁକୂଲ୍ୟରେ ସଡକ ସୁରକ୍ଷା ସଚେତନତା ଉଦ୍ଦେଶ୍ୟରେ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସ୍ଥାନିୟ ଟି.ପି.ଏସ୍.ଓ.ଡି.ଏଲ୍., ଉପ ସାଧାରଣ ପରିଚାଳକ (ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ ଜୟପୁର ଠାରୁ ଭାୟା ଗାନ୍ଧି ଛକ ଦେଇ ରାଜାନଗର ଛକ ପର୍ଯ୍ୟନ୍ତ ଏକ ମୋଟର ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ମୋଟର ସାଇକେଲ ଯାତ୍ରା କାର୍ଯ୍ୟକ୍ରମ ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧନରେ ହୋଇଥିଲା। ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ ସଡକ ସୁରକ୍ଷା ସମ୍ବନ୍ଧରେ ସମ୍ୟକ ସୂଚନା ଦେଇ କର୍ମଚାରୀଙ୍କୁ ଓ ଜନସାଧାରଣଙ୍କୁ କହିଥିଲେ, ଆସନ୍ତୁ ସଡକ ସୁରକ୍ଷାର ହିରୋ ହୁଅନ୍ତୁ ଶେଷରେ ସବୁଜ ପତାକା ଦେଖାଇ ସଡ଼କ ସୁରକ୍ଷା ଯାତ୍ରାର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବାରେ ସହଯୋଗ କରିଥିଲେ ଅନିରବାନ କୁଣ୍ଡୁ ଓ ସୌମ୍ୟ ରଞ୍ଜନ ଲେଙ୍କା । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅଧିକାରୀମାନେ ଥିଲେ ପରିମଲ ପଲ, ରଞ୍ଜନ କୁମାର ମଲ୍ଲିକ, ବିଚିତ୍ର କୁମାର ବେହେରା, ରିତେଶ ମିଶ୍ର, ବିପିନି ଗିରି, ରାଜ କମର, ଜ୍ଞାନ ରଞ୍ଜନ ରାଉତ, ଆଲୋକ କୁମାର ନାୟକ, ମୋହର ସାହୁ, ଦେବାଶିଷ ସାହୁ ଓ ରମାକାନ୍ତ ସାହୁ। ସରକାରଙ୍କ ବହୁଳ ପ୍ରଚାର ସତ୍ତ୍ୱେ ସଡ଼କ ଦୁର୍ଘଟଣା ରୋକିବାର ନାଁ ନେଉ ନାହିଁ ତେଣୁ ଏହି ସଚେତନତା ବାର୍ତ୍ତା ମାଧ୍ୟମରେ ଯଦି ଜନସାଧାରଣ ସଡକ ସୁରକ୍ଷା ନିୟମ ମାନି ଚଳିବେ ତେବେ ଧନଜୀବନ ରକ୍ଷା କରାଯାଇପାରିବ, ଯାହା ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଧର୍ମଶାଳା ବ୍ଲକ ୧୫ ନଂ ଜୋନରେ ବୁଲିଲା ପରିକ୍ରମା ପ୍ରକଳ୍ପ ସ୍ୱତନ୍ତ୍ର ଅର୍ପଣ ରଥ

ଧର୍ମଶାଳା, ୧୬/୧ (ନି.ପ୍ର): ଆସନ୍ତା ୧୭ ତାରିଖରେ ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପିତ ହେବ । ତାହାକୁ ନେଇ ରାଜ୍ୟ ସାରା ଉତ୍ସବର ମାହୋଲ । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକର ସମସ୍ତ ପଂଚାୟତରେ ଅର୍ପଣ ରଥ ପରିକ୍ରମା କରି ବିଭିନ୍ନ ଗାଆଁରୁ ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଇଥିଲା । ସେଗୁଡିକୁ ପଂଚାୟତ ସ୍ତରରେ ମହଜୁଦ ରଖା ଯାଇଥିଲା । ଏହି ଅରୁଆ ଚାଉଳ ଓ ଗୁଆକୁ ଏକ ସ୍ୱତନ୍ତ୍ର ରଥ ବିଭିନ୍ନ ପଂଚାୟତ ପରିକ୍ରମା କରି ସଂଗ୍ରହ କରାଯାଇଛି । ଏହି କ୍ରମରେ ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି କ୍ରମରେ ଆଜି ଏକ ରଥ ୧୫ ନଂ ଜୋନର ୮ ଗୋଟି ପଂଚାୟତରେ ପଂହଚି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରି ଫେରିଯାଇଥିବା ଜଣାପଡିଛି । ଏହି ୧୫ ନଂ ଜୋନର ମଙ୍ଗଳପୁର, ଉତରପ୍ରତାପ, ଦେଓଦା, କୋତପୁର, ଅରାବଳ, କଦମପାଳ, ଅରେଇକଣା ଓ ପଟୁଣିଆ ଆଦି ପଂଚାୟତରେ ପଂହଚିଥିଲା । ପୂର୍ବରୁ ପଂଚାୟତ ପକ୍ଷରୁ ଗାଁ ଦାଣ୍ଡରେ ସୁସଜ୍ଜିତ ମୁରୁଜ ପକା ବେଶ୍ ମନୋରମ ହୋଇଥିଲା । ନାମ ସଂକୀର୍ତନ ଓ ଘଂଟ ନାଦରେ ଆଧାତ୍ମୀକ ପରିବେଶ ସୃଷ୍ଟି ହେଇଥିଲା । ଧର୍ମଶାଳା ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବରିଷ୍ଠ ନେତା ଜଳଧର ମହାନ୍ତି, ବିଧାୟକଙ୍କ ପ୍ରତିନିଧି ନର୍ମଳ ପ୍ରଧାନ, ଯୁବନେତା ନିରଞ୍ଜନ ରାଉତ, ନିରଞ୍ଜନ ବଳ, ଧର୍ମଶାଳା ବିଜୁ ଯୁବ ଜନତା ଦଳର ସଭାପତି ଟିଟିଶ ନାୟକ, ଅମରେନ୍ଦ୍ର ରାୟ, ବିକାଶ ରଂଜନ ବେହେରା, ମଙ୍ଗଳପୁର ସରପଂଚ ପ୍ରମୋଦ କୁମାର ଜେନା, ସମିତିସଭ୍ୟ ନିଗମାନନ୍ଦ ଲେଙ୍କା, ଶିଶିର ଦାଶଙ୍କ ସମେତ ସମସ୍ତ ପଂଚାୟତର ନେତୃମଣ୍ଡଳୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ବୀର ଚକରା ବିଷୋୟୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଭଞ୍ଜନଗରଠାରେ ପାଳିତ ହେବ

ଛତ୍ରପୁର, ୧୬/୧ (ନି.ପ୍ର): ଚଳିତ ବର୍ଷ ବୀର ଚକରା ବିଷୋୟୀଙ୍କ ଜନ୍ମ ଜୟନ୍ତୀ ରାଜ୍ୟସ୍ତରୀୟ ଉତ୍ସବ ଭଞ୍ଜନଗର ଠାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା ସରକାରଙ୍କ ପକ୍ଷରୁ ଦ୍ୱାରା ପାଳିତ ହେବ । ଏଥିନେଇ ଭଞ୍ଜନଗର ସ୍ଥିତ ଜଙ୍ଗଲ ବିଭାଗୀୟ ଅତିଥି ବଙ୍ଗଳା ଠାରେ ସୋମବାର ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ଭଞ୍ଜନଗର ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କର, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଚଳିତ ମାସ ୨୦ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବୀର ଚକରା ବିଷୋୟୀଙ୍କ ଜନ୍ମ ଜୟନ୍ତୀ କିଭଳି ମହା ଆଡମ୍ବର ସହକାରେ ପାଳିତ ହେବ ସେଥି ସକାଶେ ସବିଶେଷ ଆଲୋଚନା କରିଥିଲେ । ଅର୍ଥମନ୍ତ୍ରୀ ଶ୍ରୀ ଆରୁଖ ନିଜ ବକ୍ତ୍ୟବରେ ଅବଗତ କରାଇଥିଲେ ଯେ, ପ୍ରତିବର୍ଷ ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ଙ୍କ ଜନ୍ମଜୟନ୍ତୀ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାଜ୍ୟ ସ୍ତରରେ ଭୁବନେଶ୍ୱର ଜୟଦେବ ଭବନ ଠାରେ ପାଳିତ ହୋଇ ଆସୁଥିଲା । ଚଳିତ ବର୍ଷ ଏହି ମହାନ ଶହୀଦ ବୀରଙ୍କ ଜୟନ୍ତୀ ଭଞ୍ଜନଗର ସ୍ଥିତ ଟାଉନ ହଲ ତାଙ୍କ ନିଜ ଅଂଚଳରେ ପାଳିତ ହେବ । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ପାଖରେ ଚକରା ବିଷୋୟୀଙ୍କ ବିଷୟରେ ଅଧିକ ସଚେତନତା ସୃଷ୍ଟି ହୋଇପାରିବ ।

# ବଲାଙ୍ଗିର ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ ଉପଲକ୍ଷେ ପଂଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ

ବଲାଙ୍ଗୀର, ୧୬/୧ (ନି.ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ବଲାଙ୍ଗିର ଗୋପାଳଜୀ ମନ୍ଦିର ପରିସରରେ ଥିବା ଗାୟତ୍ରୀ ଶକ୍ତିପୀଠର ବାର୍ଷିକ ଉତ୍ସବ ଉପଲକ୍ଷେ ପଂଚ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ଗୁପ୍ତା ଏବଂ ବଲାଙ୍ଗିର ଗାୟତ୍ରୀ ଶକ୍ତିପୀଠର ସଂଯୋଜକ କାଳି ପ୍ରସାଦ ମିଶ୍ର ଙ୍କ ସଂଯୋଜନାରେ ଆଜି ସକାଳ ୯ ଟାରୁ ପରମପୁଜ୍ୟନୀୟ ଗୁରୁଦେବ, ପରମପୂଜନୀୟ ବେଦମାତା, ଦେବୋମାତା, ଗାୟତ୍ରୀ ମାତାଙ୍କ ସୂକ୍ଷ୍ମ ଉପସ୍ଥିତିରେ ପଂଚ କୁଣ୍ଡିୟ ଗାୟତ୍ରି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା । ଉକ୍ତ ଯଜ୍ଞ ରେ ପୁନ୍ସବନ ସଂସ୍କାର, ଦୀକ୍ଷା ସଂସ୍କାର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଯଜ୍ଞକୁ ପରିଚାଳନା କରିଥିଲେ ବରପାଲି ଗାୟତ୍ରୀ ଶକ୍ତିପୀଠର ରବିନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ ଓ ସୁରେନ୍ଦ୍ର ବାରିକ ।

# ମଧୁମେହ ରୋଗୀଙ୍କ ପାଇଁ କିଛି ଦେଶୀ ଟିପ୍ସ





ମଧୁମେହ ରୋଗ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହା ଏବେ ଚିନ୍ତାର ବିଷୟ ହୋଇଗଲାଣି । ପ୍ରାୟ ଅଧିକାଂଶ ଲୋକ ଏହି ରୋଗରେ ପିଡିତ । ଏହି ରୋଗ କିପରି ନହେବ ସେଥିପାଇଁ ସମସ୍ତେ ଚିନ୍ତିତ । ଆସନ୍ତୁ ମଧୁମେୟ ବର ଡାଇବେଟିଜ ରୋଗକୁ କମାଇବା ପାଇଁ ଆମେ କିଛି ଉପାୟ ଅବଲମ୍ବପ କରିବା । ସେଗୁଡିକ ମଧ୍ୟରୁ

କାକୁଡି ଖାଆନ୍ତୁ : ମଧୁମେହ ରୋଗୀମାନେ ଭୋକ ଲାଗିଲେ ସବୁବେଳେ କମ୍ ଖାଦ୍ୟ ଖାଇବା ପାଇଁ କୁହାଯାଏ, ସେଥିପାଇଁ ତାଙ୍କୁ ବହୁ ଶୀଘ୍ର ଭୋକ ଲାଗେ । ଏହି ସ୍ଥିତିରେ କାକୁଡି ଖାଇ ନିଜ ଭୋକ ମେଣ୍ଟାଇବା ଆବଶ୍ୟକ ।

ଲେମ୍ବୁ ପାଣି ପିଅନ୍ତୁ : ମଧୁମେହ ରୋଗୀକୁ ଅଧିକ ଶୋଷ ଲାଗେ । ତେଣୁ ସେମାନେ ପାଣିରେ ଲେମ୍ବୁ ପକାଇ ପିଇବା ଦ୍ୱାରା ତାଙ୍କର ଶୋଷ ପରିମାଣ କମିଥାଏ ।

ଜାମୁ କୋଳି ଖାଆନ୍ତୁ : ମଧୁମେୟର ଉପଚାର ପାଇଁ ଜାମୁ କୋଳି ଏକ ପାରମ୍ପରିକ ଔଷଧ ଅଟେ । ଜାମୁ କୋଳି ମଧୁମେହ ରୋଗୀଙ୍କ ପାଇଁ ଏକ ଫଳ କହିଲେ କିଛି ଭୁଲ୍ ହେବ ନାହିଁ । ଏହାର ସବୁ ଅଂଶ ମଧୁମେହ ରୋଗ ପାଇଁ ଆବଶ୍ୟକ ଅଟେ । ଋତୁ ଅନୁସାରେ ଏହାର ସେବନ କରିବା ଦରକାର ।

ଜାମୁ କୋଳିର ମଞ୍ଜିକୁ ଏକାଠି କରି ରଖନ୍ତୁ । ଏହାର ମଞ୍ଜିରେ ଜମ୍ବୋଲିନ ନାମକ ତତ୍ତ୍ୱ ମିଳେ ଯାହା ଷ୍ଟାର୍ଚକୁ ସର୍କରାରେ ପରିବର୍ତ୍ତନ ହେବାକୁ ବନ୍ଦ କରିଥାଏ । ମଞ୍ଜିକୁ ଗୁଣ୍ଡ କରି ରଖି ତାହାକୁ ଦୁଇ-ତିନି ଥର ତିନି ଗ୍ରାମ ମାତ୍ରାରେ ପାଣି ସହିତ ପିଇଲେ ମୁତ୍ରରେ ଶର୍କରା ମାତ୍ରା କମ୍ କରିଥାଏ । ଏକ ଅନୁସନ୍ଧାନରୁ ଜଣାପଡିଛି ଯେ କଲରାକୁ ସିଝାଇ ତାର ପାଣି ପିଇଲେ ମଧୁମେହ ରୋଗ ଶୀଘ୍ର ଏବଂ ସ୍ଥାୟୀ ରୂପରେ ସମାପ୍ତ ହୋଇଥାଏ ।

ମେଥି ଖାଆନ୍ତୁ : ମଧୁମେହ ରୋଗୀ ମେଥି ଚୂର୍ଣ୍ଣ ବହୁ ଉପକାରୀ ଅଟେ । ଆଜିକାଲି ମେଥି ରସ ମନୁଷ୍ୟ ମଧ୍ୟରେ ଥିବା ରକ୍ତ ସହିତ ମେଳ ଖାଇଥାଏ । ଏହାକୁ ଗ୍ରୀନ୍ ବ୍ଲଡ ମଧ୍ୟ କୁହାଯାଇଥାଏ ।

ଅନ୍ୟ ଉପାଚାର : ନିୟମିତ ଭାବେ ଦୁଇ ଚାମଚ ନିମ୍ବ ରସ, କଦଳୀ ପତ୍ରର ରସକୁ ସକାଳେ ସନ୍ଧ୍ୟାରେ ପିଇବା ଭଲ । ଅଁଳା ରସ ଚାରି ଚାମଚ ମଧ୍ୟ ପିଇବା ଦ୍ୱାରା ମଧୁମେୟ







ପାଛଡର ଔଷଧ ଦୋକାନରେ ମଧ୍ୟ ମିଳିଲାଣି । ଏଥିରେ ପୁରୁଣା ମଧୁମେହ ରୋଗ ମଧ୍ୟ ଠିକ୍ ହୋଇଥାଲଏ । ମେଥିଦାନାରେ ଚୂର୍ଣ୍ଣ ତିଆରି କରି ରଖନ୍ତୁ । ନିତ୍ୟ ପ୍ରାତଃ ସମୟରେ ଖାଲି ପେଟରେ ଏକ ଛୋଟ ଚାମଚ ଚୂର୍ଣ୍ଣକୁ ପାଣି ସହିତ ଖାଆନ୍ତୁ । ଏହା ପ୍ରତିଦିନ କରିଲେ ସେଥିରୁ ବହୁ ଫାଇଦା ମିଳିଥାଏ ।

ଗହମ ଗଛ : ଗହମ ଗଛରେ ରୋଗନାଶକ ଗୁଣ ଥାଏ । ତେଣୁ ତାର ଛୋଟ ଛୋଟ ଚାରାର ରସ ଅସାଧ୍ୟ ରୋଗକୁ ମଧ୍ୟ ମୂଳରୁ ଭଲ କରିଦେଇଥାଏ । ଏହାର ରୋଗକୁ ନିୟନ୍ତ୍ରଣ କରାଯାଇପାରେ । ମଧୁମେହ ରୋଗୀମାନେ ପୋଟଳ, ପାଳଙ୍ଗ, ଅମୃତଭଣ୍ଡା, ବିଲାତି, ଗାଜର, କାକୁଡି ପ୍ରଚୁର ପରିମାଣରେ ଖାଇବା ଉଚିତ । ଏହାଛଡ଼ା ସେମାନେ ତେଲ ଓ ମସଲାଯୁକ୍ତ ଖାଦ୍ୟ ନ ଖାଇବା ଭଲ । ସେହିପରି ଭାତ, ଆଳୁ, ଚିନି ଭଳି ଖାଦ୍ୟ ପରିମାଣ କମାଇ ଦେବା ଉଚିତ । ଏହି ରୋଗୀମାନେ ପ୍ରତିଦିନ ବ୍ୟାୟାମ କରିବା ଆବଶ୍ୟକ । ରୁଟି, ଡାଲି, ସାଲାଡ୍, ପରିବାକୁ ସିଝାଇ ଖାଇବା ଏମାନଙ୍କ ପାଇଁ ବହୁତ ଭଲ । ଉପରଲିଖିତି ଉପାଚାର କରିବା ପୂର୍ବରୁ ଆପଣମାନେ ନିଜ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ହାର୍ଟ ଆଟାକ୍ ହଠାତ୍ ହୁଏନା



ଲେଫ୍ଟ ସାଇଟର ପଞ୍ଜରା ନିକଟରେ କିମ୍ବା ଛାତିର ଠିକ୍ ମଝାମଝି ପେନ୍ ହୋଇଥାଏ ଏବଂ କିଛି ସମୟପରେ ଆପେ ଠିକ୍ ହୋଇଯାଏ। ଏଥିରୁ ଜାଣନ୍ତୁ ହୃଦରୋଗର ସିମ୍ପଟମ୍ସ। ଲଗାତାର ଚେଷ୍ଟରେ କିମ୍ବା ମଝି ପିଠିରେ କିଛି ଚାପ ସୃଷ୍ଟି ହେଲାଭଳି ଲାଗିଲେ, ପ୍ରାୟ ସମୟ ମୁଣ୍ଡ, ପେଟରେ ଉପର ଅଂଶ, ପିଠି, ବାମହାତ, ବେକ କିମ୍ବା ଦାନ୍ତ, କୌଣସି କାରଣ ନଥାଇ ବିନ୍ଧିଲେ ଜାଣିବେ ହୃଦ ସମସ୍ୟା ଅଛି। ଛାତିରେ ଚାପ ସୃଷ୍ଟିହେଲେ କିମ୍ବା କିଛି ଭାରି ଜିନିଷ ରଖିଲା ଭଳି ଲାଗିଲେ, ଅଚାନକ ନିଶ୍ୱାସ ପ୍ରଶ୍ୱାସ ନେବାରେ ତକଲିପ ହେଲେ, ହୃଦ ସ୍ପନ୍ଦନ ବଢ଼ିଗଲେ, ସଦାବେଳେ ହାଲିଆ ଲାଗିଲେ, ସାଧାରଣ କାମଟିଏ କଲେ ଥକା ଲାଗିଲେ ହୃଦ ସମସ୍ୟା ରହିଛି ବୋଲି ଜାଣ। ଇନଡାଇଜେସନ ଏବଂ ଅଧିକାଂଶ ସମୟ ବାନ୍ତି ଲାଗିବା, ବ୍ୟସ୍ତ ବିବ୍ରତ ଲାଗିବା, ମୁଣ୍ଡ ବୁଲାଇବା ଭଳି ଲାଗିଲେ ହାର୍ଟ ପ୍ରୋବ୍ଲେମର ସଂକେତ ବୋଲି ଜାଣନ୍ତୁ । ତେଣୁ ପାଦ ଫୁଲିଯାଏ। ତେବେ ଏହି ସମୟରେ ପେସେଣ୍ଟକୁ କିଛି ଖାଇବାକୁ କିମ୍ବା ପିଇବାକୁ ଦିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପେସେଣ୍ଟର ସ୍ଥିତି ଆହୁରି ଖରାପ ହୋଇଯିବ। ଆସ୍ପିନ ବ୍ଲଡ଼ କ୍ଲଟକୁ ରୋକିଥାଏ। ତେଣୁ ହାର୍ଟ ଆଟାକ ପେସେଣ୍ଟକୁ ତୁରନ୍ତ ଆସ୍ପିନ ଦିଅନ୍ତୁ। କିନ୍ତୁ ଏକଥା ମନେରଖିବା ଉଚିତ ବେଳେବେଳେ ଏହା ପ୍ରୋବ୍ଲେମ ବି ଦେଇତାଏ। ତେଣୁ ଡାକ୍ତରଙ୍କୁ ପଚାରି ଦେଲେ ଭଲ। ହଁ ପେସେଣ୍ଟକୁ ହସପିଟାଲ ନେଲାବଳେ ଚଲାଇବାକୁ ଚେଷ୍ଟା କରନ୍ତୁନି। ଏହାଦ୍ୱାରା ହାର୍ଟ ଉପରେ ପ୍ରେସର ପଡ଼ିଥାଏ। ପଲ୍ସ ରେଟ୍ କମିଗଲେ ପେସେଣ୍ଟର ଚେଷ୍ଟରେ ଚାପ ପ୍ରୟୋଗ କରନ୍ତୁ ଟିକେ କଷ୍ଟ ଲାଘବ ହେବ। କିନ୍ତୁ ଭଲ ଭାବେ ଚାପଦେଲେ ପ୍ରୋବ୍ଲେମ ବଢ଼ିଯାଇପାରେ।

# ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ଖାଉଥିଲେ ସାବଧାନ: ହୋଇପାରେ ଏହି ସବୁ ସ୍ୱାସ୍ଥ୍ୟ ସମସ୍ୟା

**ପୁଷ୍ଟିକର ଉପାଦନରେ ଭରପୂର ସମସ୍ତ ପ୍ରକାର ଡ୍ରାଏ ଫ୍ରୁଟ୍ସ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ପ୍ରତିଦିନ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ଯୁକ୍ତ କରିବା ପାଇଁ ପରାମର୍ଶ ଦିଅନ୍ତି। କିନ୍ତୁ ବେଳେ ବେଳେ ଏହି ଡ୍ରାଏ ଫ୍ରୁଟ୍ସ ଲାଭ ବଦଳରେ କ୍ଷତି ପହଞ୍ଚାଇପାରେ। କାରଣ ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଶରୀରରେ ଏହାର ପରିମାଣ ଅଧିକ ହେଲେ କି କି ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ, ଜାଣନ୍ତୁ...**

## ଡ୍ରାଏ ଫ୍ରୁଟ୍ସର ଉପକାରୀ ଗୁଣ

ଶରୀରରେ ଅତ୍ୟାବଶ୍ୟକ ପୋଷକ ତତ୍ତ୍ୱର ଅଭାବ ପୂରଣ ପାଇଁ ଡ୍ରାଏ ଫ୍ରୁଟ୍ସ ସେବନ କରାଯାଏ। ଏହା ଶରୀରକୁ ପୋଷଣ ଯୋଗାଇ ଥାଏ। ଏଥିରେ ଥିବା ପ୍ରୋଟିନ୍, ଓମେଗା-୩ ଏବଂ ଆମିନୋ ଏସିଡ୍ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଆଲମଣ୍ଡ, କିସମିସ୍, ପିସ୍ତା, କାଜୁ, ଅଖରୁଟ୍ ଇତ୍ୟାଦି ଡ୍ରାଏ ଫ୍ରୁଟ୍ସ ଖାଇବା ପାଇଁ ଡାକ୍ତରମାନେ ପରାମର୍ଶ ଦିଅନ୍ତି।

ଯଦି ଡାଏଟରେ ଡ୍ରାଏ ଫ୍ରୁଟ୍ସ ଆଡ୍ କରିବାକୁ ଚାହୁଁଥାନ୍ତି, ତେବେ ମନେ ରଖନ୍ତୁ ଏହା ୨୫ରୁ ୫୦ ଗ୍ରାମ ମଧରେ ସୀମିତ ରହିବା ଆବଶ୍ୟକ। ଦୈନିକ ୫୦ ଗ୍ରାମରୁ ଅଧିକ ଡ୍ରାଏ ଫ୍ରୁଟ୍ସ ଖାଆନ୍ତୁ ନାହିଁ।



## ମାତ୍ରାଧିକ ଡ୍ରାଏ ଫ୍ରୁଟ୍ସ ଖାଇଲେ କେଉଁ ସ୍ୱାସ୍ଥ୍ୟ ସମସ୍ୟା ହୋଇଥାଏ

ଅତ୍ୟଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଶରୀରରେ ଚର୍ବି ଜମା ହେବାର ଯଥେଷ୍ଟ ସମ୍ଭାବନା ଥାଏ। ଚର୍ବି ଜମା ହେବା ଫଳରେ ମେଦବହୁଳତା ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଏଥିସହ ଅଧିକ ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ, ପେଟ ଫୁଲା ଏବଂ ପେଟରେ ଯନ୍ତ୍ରଣା ହୋଇପାରେ।



# କାହିଁକି କମ୍ ବୟସରୁ ଦୁର୍ବଳ ହୋଇପାଉଛି ହାଡ ?: ଜାଣନ୍ତୁ କାରଣ ଓ ନିରାକରଣ



ଶରୀରକୁ ମଜବୁତ ରଖେ ଅସ୍ଥି ବା ହାଡ। ସେଥିପାଇଁ ଅସ୍ଥି ସ୍ୱାସ୍ଥ୍ୟର ଯତ୍ନ ନିହାତି ଆବଶ୍ୟକ। କିନ୍ତୁ ବର୍ତ୍ତମାନର ଜୀବନଶୈଳୀ ଯୁବାବସ୍ଥାରୁ ହାଡକୁ ଦୁର୍ବଳ କରିଦେଉଛି। କମ୍ ବୟସର ପିଲାମାନେ ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସନ୍ତୁଳିତ ଖାଦ୍ୟ ଏବଂ ଶାରୀରିକ କାର୍ଯ୍ୟକଳାପ ହ୍ରାସ ଏହାର ମୁଖ୍ୟ କାରଣ ପାଲଟିଛି।ଏହି କାରଣରୁ ବର୍ତ୍ତମାନ ସମୟରେ ୩୫ ବର୍ଷରୁ କମ୍ ବୟସର ଲୋକ ଅସ୍ଥିଜନିତ ସମସ୍ୟା, ଅଷ୍ଟିଓପୋରୋସିସ୍ ରୋଗର ଶିକାର ହେଉଛନ୍ତି। ତେବେ ହାଡ କାହିଁକି ଦୁର୍ବଳ ହୁଏ, ଦୁର୍ବଳ ହେବାର ଲକ୍ଷଣ କ’ଣ ଏବଂ ହାଡକୁ ମଜବୁତ କରିବା ପାଇଁ କଣ କରିବା ଉଚିତ୍, ଜାଣନ୍ତୁ...

ହାଡ ଦୁର୍ବଳ ହେବାର କାରଣ: ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀ, ଖାଦ୍ୟ ଏବଂ ବ୍ୟାୟାମର ଅଭାବ ହାଡ ଦୁର୍ବଳ ହେବାର ମୁଖ୍ୟ କାରଣ। ଏହା ବ୍ୟତୀତ ଅଳ୍ପ ବୟସରେ ଆଘାତ, ରକ୍ତ ଏବଂ କ୍ୟାଲସିୟମର ଅଭାବ, ସୂର୍ଯ୍ୟ କିରଣ ସଂସ୍ପର୍ଶରେ କମ୍ ଆସିବା ଏବଂ ଭୁଲ ଖାଦ୍ୟ ଯୋଗୁଁ ହାଡ ଦୁର୍ବଳ ହୋଇଯାଏ।

ମହିଳାମାନଙ୍କ କ୍ଷେତ୍ରରେ ଏହି ସମସ୍ୟା ଅଧିକ ଦେଖାଯାଏ। ମେନୋପଜ୍ କାରଣରୁ ଶରୀରରେ ଇଷ୍ଟ୍ରୋଜେନ୍ ଅଭାବରୁ ହାଡ ଦୁର୍ବଳ ହେବାକୁ ଲାଗେ।

କିପରି ନେବେ ଯତ୍ନ: ଅସ୍ଥି କାର୍ଯ୍ୟକୁ ଦୃଢ ରଖିବାକୁ ଚାହୁଁଥିଲେ, ପ୍ରଥମେ ଡାଏଟରେ କ୍ୟାଲସିୟମ ସମୃଦ୍ଧ ଖାଦ୍ୟ ଯୋଗ କରନ୍ତୁ। ୨୦ରୁ ୫୦ ବର୍ଷ ବୟସର ଲୋକମାନେ ସେମାନଙ୍କର ଦୈନନ୍ଦିନ ଖାଦ୍ୟରେ ୧୦୦୦ ଗ୍ରାମ କ୍ୟାଲସିୟମ ସମୃଦ୍ଧ ଖାଦ୍ୟ ଗ୍ରହଣ କରିବା ଉଚିତ୍। ଯେଉଁମାନଙ୍କର ପୂର୍ବରୁ ଅଷ୍ଟିଓପୋରୋସିସ୍ ଅଛି ସେମାନେ ପ୍ରତିଦିନ ୧୨୦୦ ଗ୍ରାମ କ୍ୟାଲସିୟମ ଗ୍ରହଣ କରିବା ଉଚିତ୍।

କେଉଁ ସବୁ ଖାଦ୍ୟରୁ କ୍ୟାଲସିୟମ ପାଇବେ: କ୍ୟାଲସିୟମ ସମୃଦ୍ଧ ଖାଦ୍ୟରେ କ୍ଷୀର, ବଟରମିଲ୍କ ଏବଂ ପନିର ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସୋୟାବିନ୍, ବ୍ରୋକଲି ଏବଂ ଅଞ୍ଜୀରରେ ପ୍ରଚୁର ପରିମାଣର କ୍ୟାସିୟମ ମିଳିଥାଏ। ଅସ୍ଥି ସ୍ୱାସ୍ଥ୍ୟ ପାଇଁ ଭିଟାମିନ୍ ଡି ମଧ ଆବଶ୍ୟକ। ଭିଟାମିନ ଡି ଅଭାବକୁ ଦୂର କରିବା ପାଇଁ ସୂର୍ଯ୍ୟକିରଣ ନିହାତି ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ଦିନ କିଛି ସମୟ ସୂର୍ଯ୍ୟକିରଣରେ ବସନ୍ତୁ। ସବୁଜ ପତ୍ରଯୁକ୍ତ ପନିପରିବା ସହ ଏକ ସନ୍ତୁଳିତ ଖାଦ୍ୟ ବଜାୟ ରଖିପାରିଲେ ଅସ୍ଥି ସ୍ୱାସ୍ଥ୍ୟ ମଜବୁତ ରହିବ।

# ଘରେ ତିଆରି କରନ୍ତୁ ଅଟା ବିସ୍କୁଟ



ପିଲାଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି। ଏଥିପାଇଁ ଆମେ ବଜାରରୁ ଘରକୁ କିଣିକ ଆଣିଥାନ୍ତି। କିନ୍ତୁ ଆମେ ବିଭିନ୍ନ ପ୍ରକାର ବିସ୍କୁଟ ଘରେ ତିଆରି କରିପାରିବା। ଆସନ୍ତୁ ଜାଣିବା ଘରେ କିପରି ତିଆରି କରିବା ଅଟା ବିସ୍କୁଟ।

ପ୍ରସ୍ତୁତି ପ୍ରଣାଳୀ: ଏକ ପାତ୍ରରେ କିଛି ଗୁଆ ଘିଅ ନିଅନ୍ତୁ। ସେଥିରେ ଚିନିକୁ ଗ୍ରାଇଣ୍ଡିଂ କରି ପକାନ୍ତୁ। ଏହାକୁ ଭଲଭାବରେ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଗୋଳାନ୍ତୁ। ଆପଣ ଯେତେ ଭଲ ଭାବରେ ଗୋଳାଇବେ, ବିସ୍କୁଟଟି ସେତେ କ୍ରିସ୍ପି ହେବ। ଚିନି ଗୁଆ ଘିଅକୁ ଭଲ ଭାବରେ ଗୋଳାଇ ସାରିବା ପରେ ସେଥିରେ ଅଟା ପକାନ୍ତୁ। ପରେ ସେଥିରେ ବେସନ, ସ୍ୱାଦ ଅନୁସାରେ ଲୁଣ, ଆବଶ୍ୟକ ଅନୁସାରେ ବ୍ରେକିଂ ପାଉଡର ଓ କ୍ଷୀର ପକାଇ ଭଲଭାବରେ ଚକଟନ୍ତୁ। ଏହାକୁ ଭଲ ଭାବରେ ଚକଟି ସାରିବା ପରେ ବିସ୍କୁଟ ଆକାରରେ ଗଢ଼ନ୍ତୁ। ଟ୍ରେରେ ବିସ୍କୁଟକୁ ରଖି ଦିଅନ୍ତୁ। ପରେ ଓଭାନକୁ ଗରମ କରନ୍ତୁ। ଏହା ପରେ ବିସ୍କୁଟ ଟ୍ରେକୁ ଓଭାନରେ ରଖି ଦିଅନ୍ତୁ। ୧୦ରୁ ୧୫ ମିନିଟ୍ ଓଭାନ ଭିତରେ ଏହାକୁ ରଖନ୍ତୁ। ପରେ ଏହା ପରେ ବହାରକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଅଟା ବିସ୍କୁଟ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅର୍ଥନୈତିକ ଅଭିବୃଦ୍ଧି ଅପରିବର୍ତ୍ତିତ ...

କେନ୍ଦ୍ର ସରକାର ଓ ବିରୋଧୀ ଦଳମାନେ ରାଜନୈତିକ ଛକାପଞ୍ଝାରେ ମାତିଥିବା ବେଳେ ଦିନକୁ ଦିନ ମହଙ୍ଗା ମାଡ଼ରେ ବିଚରା ଭୋଟର କଲବଲ ହେଉଛି। ମହଙ୍ଗା ପ୍ରସଙ୍ଗକୁ ବିରୋଧୀ ଦଳମାନେ ଏକପ୍ରକାର ନଜର ଅନ୍ଦାଜ କରି କେବଳ ବ୍ୟକ୍ତିକୈନ୍ଦ୍ରିକ ରାଜନୀତିରେ ମନୋନିବେଶ କରୁଥିବା ଦେଖାଯାଉଛି। ସାମ୍ପ୍ରତିକ ରାଜନୈତିକ ସ୍ଥିତିରୁ ଦେଶ ଓ ତାହାର ଅର୍ଥନୀତିକୁ କ'ଣ ଫାଇଦା ହେବ ତାହା ଭିନ୍ନ କଥା, କିନ୍ତୁ ଏ କଥା ଅବଧାର୍ଯ୍ୟ ଯେ ବିଚରା ଖାଉଟିର ଏଥିରେ କିଛି ବିଶେଷ ପରିବର୍ତ୍ତନ ହେବ ନାହିଁ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ହୁଏତ ସେମାନେ ସାମୟିକ ମୂଲ୍ୟହ୍ରାସ ଜନିତ କିଛିଟା ଫାଇଦା ପାଇପାରିବେ, କିନ୍ତୁ ନିର୍ବାଚନ ସରିବା ସହିତ ସୁଧମୂଳ ମିଶାଇ ସେମାନଙ୍କୁ ଦୈନନ୍ଦିନ ଜୀବନଚର୍ଯ୍ୟା ପାଇଁ ଆହୁରି ଅଧିକ ତଣ୍ଡ ଗଣିବାକୁ ପଡ଼ିବ, ଯାହା ୨୦୧୯ ସାଧାରଣ ନିର୍ବାଚନ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମୟରେ ପ୍ରମାଣିତ ହୋଇଥିଲା। କେନ୍ଦ୍ର ସରକାରଙ୍କ ସଦ୍ୟତମ ରିପୋର୍ଟ ଅନୁଯାୟୀ ଗତ ଡିସେମ୍ବର ମାସର ପାଇକାରୀ ମୂଲ୍ୟସୂଚୀ ବିଗତ ନଅ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଗତ ନଭେମ୍ବର ମାସ ତୁଳନାରେ ଏଥିରେ ୦.୭୩ ପ୍ରତିଶତ ବୃଦ୍ଧି ଘଟିଛି। ଏହାପୂର୍ବରୁ ଗତ ଏପ୍ରିଲ୍ ମାସରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଲଗାତାର ସାତ ମାସ ଧରି ଏହି ସୂଚକାଙ୍କ ବିଯୁକ୍ତାତ୍ମକ ଥିବା ବେଳେ ଗତ ନଭେମ୍ବର ମାସରୁ ବୃଦ୍ଧିର ଧାରା ଆରମ୍ଭ ହୋଇଛି। ବିଶେଷକରି ଖାଦ୍ୟ ସାମଗ୍ରୀ, ଯନ୍ତ୍ରପାତି, ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀ, ପରିବହନ ସାମଗ୍ରୀ ଓ ଇଲେକ୍ଟ୍ରୋନିକ୍ସ ଉପକରଣର ଦରଦାମ ବୃଦ୍ଧି ଯୋଗୁଁ ପାଇକାରୀ ମୂଲ୍ୟସୂଚୀ ବୃଦ୍ଧି ପାଇଥିବା ସରକାରୀ ଭାବେ କୁହାଯାଇଛି। ସାଧାରଣତଃ ମୂଲ୍ୟସ୍ଫୀତିରେ ଇନ୍ଧନ ଦର ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। କାରଣ ଇନ୍ଧନ ତୈଳ ଓ ଗ୍ୟାସ୍ ମୂଲ୍ୟ ସାମଗ୍ରିକ ଭାବେ ପରିବହନ ଖର୍ଚ୍ଚକୁ ପ୍ରଭାବିତ କରୁଥିବାରୁ ଖାଦ୍ୟ ସାମଗ୍ରୀ ସମେତ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଏଥିଯୋଗୁଁ ବୃଦ୍ଧି ପାଏ। ଉଲ୍ଲେଖନୀୟ ହେଉଛି, ସଦ୍ୟ ପ୍ରକାଶିତ ପାଇକାରୀ ମୂଲ୍ୟ ସୂଚକାଙ୍କରେ ଇନ୍ଧନ ମୂଲ୍ୟ ବିଯୁକ୍ତ ୨.୧୪ ପ୍ରତିଶତ ହୋଇଥିଲେ ହେଁ ଏବଂ ଶିଳ୍ପ ଉତ୍ପାଦନ ମୂଲ୍ୟ ସୂଚକାଙ୍କ ସନ୍ତୋଷଜନକ ସ୍ଥିତିରେ ଥିଲେ ହେଁ ସାମଗ୍ରିକ ଭାବେ ପାଇକାରୀ ମୂଲ୍ୟସୂଚକାଙ୍କରେ ବୃଦ୍ଧି ଘଟିଛି। ଏହାର କାରଣ ହେଉଛି ଖାଦ୍ୟ ସାମଗ୍ରୀରେ ଗତବର୍ଷ ତୁଳନାରେ ଅତି ଉଚ୍ଚ ୯.୩୮ ପ୍ରତିଶତ ବୃଦ୍ଧି ପାଇଛି। ଏହାପୂର୍ବରୁ ପ୍ରକାଶିତ ଖାଉଟି ମୂଲ୍ୟ ସୂଚକାଙ୍କରେ ମଧ୍ୟ ପୂର୍ବମାସ ତୁଳନାରେ ୦.୧୪ ପ୍ରତିଶତ ବୃଦ୍ଧି ଘଟି ତାହା ୫.୬୯ ପ୍ରତିଶତରେ ପହଞ୍ଚିଛି, ଯେଉଁଥିରେ ଗୃହୋପକରଣ ସାମଗ୍ରୀର ମୂଲ୍ୟବୃଦ୍ଧି ମୁଖ୍ୟକାରଣ ବୋଲି କୁହାଯାଉଛି। ଅବଶ୍ୟ ଖାଇବା ତେଲରେ କିଛିଟା ହ୍ରାସ ଘଟିଥିଲେ ହେଁ ସାମଗ୍ରିକ ଭାବେ ଡାଲିଜାତୀୟ ସାମଗ୍ରୀ, ମସଲା ଓ ଫଳମୂଳରେ ଦରବୃଦ୍ଧି ଖାଉଟିର ମୁଣ୍ଡବିନ୍ଧାର କାରଣ ହୋଇଛି। ପାଇକାରୀ ଓ ଖାଉଟି ମୂଲ୍ୟସୂଚୀର ନିରନ୍ତର ନିର୍ଦ୍ଧାରଣ ଓ ସମୀକ୍ଷା ଯେକୌଣସି ଦେଶର ଅର୍ଥନୀତି ଓ ମୁଦ୍ରାନୀତି ପାଇଁ ଯେ ଗୁରୁତ୍ୱପୂର୍ଣ୍ଣ ଏହା ଅନସ୍ୱୀକାର୍ଯ୍ୟ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦେଶର ମୁଦ୍ରାନୀତି ନିୟନ୍ତ୍ରଣକୁ ସଞ୍ଚାଳନ କରେ ଓ ଖାଉଟି ମୁଦ୍ରାସ୍ଫୀତିକୁ ଏକ ନିର୍ଦ୍ଦିଷ୍ଟ ସୀମା ଭିତରେ ରଖିବା ପାଇଁ ବ୍ୟାଙ୍କରଣ ଓ ଜମାର ସୁଧ ହାରରେ ଦ୍ୱିମାସିକ ପରିବର୍ତ୍ତିତ କରିଥାଏ। ବିଗତ ପ୍ରାୟ ପାଞ୍ଚବର୍ଷ ଧରି ରିଜର୍ଭ ବ୍ୟାଙ୍କ ଦ୍ୱାରା ଏହି ମୁଦ୍ରାସ୍ଫୀତି ନିୟନ୍ତ୍ରଣ ରଣନୀତି ବେଶ୍ ? ? ସଫଳ ରହି ଆସିଛି। ସଦ୍ୟତମ ମୁଦ୍ରାସ୍ଫୀତି ରିପୋର୍ଟ ଅନୁଯାୟୀ ପାଇକାରୀ ମୂଲ୍ୟରେ ବୃଦ୍ଧି, ବିଶେଷକରି ଏହାର ପୂର୍ବ ଆକଳନ ସୂଚକାଙ୍କ ଅତି ନିମ୍ନ ଓ ଋଣାତ୍ମକ ସଂଖ୍ୟାରେ ଥିବାରୁ ଚଳିତ ରିପୋର୍ଟରେ ଏହା ସାମାନ୍ୟ ଅଧିକା ରୂପେ ଦେଖାଦେଇଛି। ଏଣୁ ସରକାରୀ ସୂତ୍ରରୁ କୁହାଯାଇଛି ଯେ ଏଥିରେ ଅର୍ଥନୀତିର ଅଭିବୃଦ୍ଧି ଉପରେ କୌଣସି ନକାରାତ୍ମକ ପ୍ରଭାବ ପଡ଼ିବ ନାହିଁ। ତେବେ ଖାଉଟି ମୂଲ୍ୟସୂଚୀରେ ଯେଉଁ ବୃଦ୍ଧି ଲକ୍ଷ୍ୟ କରାଯାଇଛି ତାହା ଅଳ୍ପ ଚିନ୍ତାର ବିଷୟ। ବର୍ଷା ଋତୁ ପରେ ଶୀତ ଋତୁରେ ଫସଲ ଅମଳ ପରବର୍ତ୍ତୀ ସମୟରେ ଖାଉଟି ମୂଲ୍ୟସୂଚୀ ସାଧାରଣତଃ ସହନୀୟସ୍ତରରେ ରହିଥାଏ। ଏଥର କିନ୍ତୁ ଖାଦ୍ୟ ଶସ୍ୟ ଓ ଫଳମୂଳ ଆଦିର ମୂଲ୍ୟବୃଦ୍ଧି ବିଭିନ୍ନ କାରଣରୁ ଘଟି ଆଗକୁ ଗ୍ରୀଷ୍ମ ଋତୁର ଆଗମନ ଓ ନିର୍ବାଚନ ସମୟର ଅସ୍ଥିରତା ଆଦି ସ୍ଥିତି ଯୋଗୁଁ ଆହୁରି ଖରାପ ହେବାର ଆଶଙ୍କା ଅମୂଳକ ନୁହେଁ। ବିଭିନ୍ନ ଖାଉଟି ଦ୍ରବ୍ୟର ଦରଦାମ ବୃଦ୍ଧି ନିମନ୍ତେ ଆଜିକାଲି ଆଉ ସ୍ଥାନୀୟ ବା ଆଞ୍ଚଳିକ କାରକର ପ୍ରଭାବ ଆକଳନ କରିବା ଯଥେଷ୍ଟ ନୁହେଁ। ଜାତୀୟ ରାଜନୈତିକ ଅସ୍ଥିରତା, ସାଧାରଣ ନିର୍ବାଚନର ଉଷ୍ମତା ଏବଂ ଦେଶରେ ଖାଦ୍ୟ ଶସ୍ୟ ପରିବହନ ଓ ଯୋଗାଣ ଶୃଙ୍ଖଳାରେ ସାମାନ୍ୟତମ ବିଭ୍ରାଟ ଦେଖାଦେଲେ ମଧ୍ୟ ଦରଦାମ ବୃଦ୍ଧି ପ୍ରଭାବିତ ହୁଏ। ଏହାଛଡ଼ା ଆନ୍ତର୍ଜାତିକ ଓ ବିଶ୍ୱସ୍ତରୀୟ କୂଟନୈତିକ ଓ ଅର୍ଥନୈତିକତା ଅସ୍ଥିରତାର ବେଶ୍ ଚାପ ପଡ଼ିଥାଏ। ଭାରତ ବିଶ୍ୱର ଏକ ପ୍ରମୁଖ ଇନ୍ଧନ ତୈଳ ଓ ଗ୍ୟାସ ଆମଦାନିକାରୀ ରାଷ୍ଟ୍ର ଭାବେ ବିଦିତ। ପେଟ୍ରୋଲିୟମ ଉତ୍ପାଦନ ତଥା ରପ୍ତାନୀ ବ୍ୟବସ୍ଥା ଗତ ଦୁଇବର୍ଷ ମଧ୍ୟରେ ଋଷିଆ-ୟୁକ୍ରେନ୍ ଯୁଦ୍ଧ ଓ ନିକଟରେ ହୋଇଥିବା ଇସ୍ରାଏଲ୍-ହମାସ୍ ଯୁଦ୍ଧ ଯୋଗୁଁ ବେଶ୍ ପ୍ରଭାବିତ ହୋଇଛି। ପଶ୍ଚିମ ଏସିଆର ମୁଖ୍ୟ ତୈଳ ଉତ୍ପାଦନକାରୀ ଦେଶମାନେ ଅଶୋଧିତ ତୈଳ ଉତ୍ପାଦନକୁ ବଜାରତନ୍ତ୍ର ଓ ବିଭିନ୍ନ କୂଟନୈତିକ କାରଣ ଯୋଗୁଁ ନିୟନ୍ତ୍ରିତ କରି ରଖିଥିବାରୁ ଇନ୍ଧନ ତୈଳର ଦରଦାମ ଆମର ଖାଉଟି ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଉଛି।



## ରାଜ ଭବନରେ ସାମ୍ବାଦିକ, ରାଜ୍ୟରେ ପ୍ରଥମ

### ବାଦଲ ଭୂୟାଁ

ଓଡ଼ିଆ ଜନଚେତନାରେ ଓ ସାମାଜିକ ଆଧ୍ୟାତ୍ମିକ ଚେତନାରେ ମକର ସଂକ୍ରାନ୍ତି ଏକ ସ୍ମରଣୀୟ ଦିନ। ତେବେ ଜାନୁଆରୀ ୧୩ ତାରିଖ ଶନିବାରଟି ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପାଇଁ ଏକ ସ୍ମରଣୀୟ ଦିନ ହୋଇ ଓଡ଼ିଶା ଗଣମାଧ୍ୟମ ଇତିହାସରେ ଲିପିବଦ୍ଧ ହୋଇ ରହିବ। କାରଣ ସମ୍ଭବତଃ ସର୍ବପ୍ରଥମ ରାଜ୍ୟରେ ପ୍ରଥମ ଥର ପାଇଁ ମହାମହିମ ରାଜ୍ୟପାଳ ମକର ମିଳନର ଆୟୋଜନ କରିଥିଲେ। ଯାହାର ଆୟୋଜକ ଥିଲେ ମହାମହିମ ରାଜ୍ୟପାଳ ତଥା ରାଜ୍ୟର ପ୍ରଥମ ନାଗରିକ ରଘୁବର ଦାସ। ଓଡ଼ିଶାରେ ପ୍ରଥମ ଥର ପାଇଁ ରାଜଭବନରେ ସାମ୍ବାଦିକ ମାନଙ୍କର ଏଭଳି ମହାମହିମ ରାଜ୍ୟପାଳଙ୍କ ସହ ଭେଟଭାଟ କେବଳ ରାଜ୍ୟର ଗଣମାଧ୍ୟମକୁ ଚର୍ଚ୍ଚିତ ଶିରୋନାମା କରିନାହିଁ ଜାତୀୟ ଗଣମାଧ୍ୟମରେ ଏକ ବଡ଼ ଆଲୋଡ଼ନର ବ୍ରେକିଂ ନ୍ୟୁଜ ପାଲଟିଛି।

ଏଇଠି, ଏହି ଲେଖକ ଆଉ ଗୋଟିଏ ପ୍ରସଙ୍ଗ ଅବତାରଣ କରୁଛି। ଜାନୁଆରୀ ୮ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧିମାନେ ମହାରାଷ୍ଟ୍ର ଭ୍ରମଣରେ ଯାଇଥିଲେ। ତେବେ ସେମାନଙ୍କ ପାଇଁ ବଡ଼ ଆନନ୍ଦର ପ୍ରସଙ୍ଗ ଥିଲା ମୁମ୍ବାଇର ମାଲାଓ୍ୱାର ହିଲସ୍ଥିତ ରାଜଭବନରେ ରାଜ୍ୟପାଳ ରମେଶ ବୈଶ୍ୟଙ୍କୁ ଭେଟିବାର ସୁଯୋଗ। ରାଜ୍ୟପାଳ ମହୋଦୟ ତାଙ୍କର ଅତ୍ୟନ୍ତ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ ଓଡ଼ିଶାର ସାମ୍ବାଦିକ ମାନଙ୍କ ପାଇଁ ସମୟ ଦେବା କମ ବଡ଼ କଥାନୁହେଁ। ମହାମହିମ ରାଜ୍ୟପାଳ ମହୋଦୟ ବୈଦ୍ୟୁତିକ ଗଣମାଧ୍ୟମ ଓ ସୋସିଆଲ ମିଡ଼ିଆର ଭିଡ଼ ଭିତରେ ଏବେ ବି ଛାପା ଗଣମାଧ୍ୟମ ନିଜର ଅସ୍ତିତ୍ୱ ଜାହିର କରିବାର ସଫଳ ହୋଇଛି ବୋଲି ମତବ୍ୟକ୍ତ କରିବା ସହ ଆଗତ ଦିନରେ ନିଜ ଅସ୍ତିତ୍ୱକୁ ବଞ୍ଚାଇ ରଖିବା ପାଇଁ ଛାପା ଗଣମାଧ୍ୟମ ସହରରେ ସୀମା ସରହଦ ଡେଇଁ ପ୍ରତି ଗାଁରେ ଘରେ ଘରେ ପହଞ୍ଚିବା ଜରୁରୀ ବୋଲି କହିଥିଲେ। କେନ୍ଦ୍ର ସରକାରଙ୍କ ବିକଶିତ ଭାରତ ଯାତ୍ରା ଅନ୍ତର୍ଗତ ପତ୍ର ସୂଚନା କାର୍ଯ୍ୟାଳୟ ଦ୍ୱାରା ଏହି କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ରାଜ୍ୟପାଳ ମହୋଦୟ ଗଣମାଧ୍ୟମର ନକରାତ୍ମକ ଖବରର ଦିଗ ପ୍ରସଙ୍ଗରେ ଅବତାରଣ କରି ଆଜିକାଲି ସମ୍ବାଦ ପତ୍ରରେ ପ୍ରଥମ ଦୁଇତିନି ପୃଷ୍ଠା ବିଜ୍ଞାପନରେ ଭର୍ତ୍ତି ପରେ ପ୍ରଥମ ପୃଷ୍ଠା ଦେଖିବାକୁ ମିଳୁଥିବାରୁ ନିଜ ଏନେଇ ଦୁଃଖ ପ୍ରକାଶ କରିଥିଲେ।

ଏଠି ଆମେ ଓଡ଼ିଶାର ରାଜ୍ୟପାଳଙ୍କ ମକର ମିଳନ ଆୟୋଜନ ପ୍ରସଙ୍ଗକୁ ପୁଣି ଫେରିବା। ଓଡ଼ିଶାରେ ମହାମହିମ ରାଜ୍ୟପାଳ ତାଙ୍କର ପାରମ୍ପରିକ ଆଟ୍ ହୋମ୍ କାର୍ଯ୍ୟକ୍ରମରେ ରାଜ୍ୟର ବରିଷ୍ଠ ଓ ସରକାରୀ ସ୍ୱୀକୃତି ପ୍ରାପ୍ତ ସାମ୍ବାଦିକଙ୍କୁ ଆମନ୍ତ୍ରଣ ମିଳିଥାଏ। କିନ୍ତୁ ମହାମହିମ ରାଜ୍ୟପାଳଙ୍କ ଚଳିତ ମକର ମିଳନ ଏକ ସବୁ ବର୍ଗର ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ମହାମହିମ ରାଜ୍ୟପାଳ ଇତିମଧ୍ୟରେ ଓଡ଼ିଶାର ସତରଟି ଜିଲ୍ଲା ଗସ୍ତ କରିସାରିଲେଣି। ଲୋକମାନଙ୍କ ପାଖକୁ ଯାଇ ଭଲ ମନ୍ଦ ବୁଝୁଛନ୍ତି। ମହିଳା ସ୍ୱୟଂ ସହାୟକ ସଂଗଠନ ଠାରୁ ମେହନତୀ ଚାଷୀ ଓ ଯୁବ ବର୍ଗଙ୍କୁ ଭେଟି ସେମାନଙ୍କ ଭଲ ମନ୍ଦ ବୁଝୁଛନ୍ତି ଏବଂ ରାଜ୍ୟର ସମସ୍ତ ଗଣମାଧ୍ୟମ ଅତି ଆନ୍ତରିକତାର ସହିତ ରାଜ୍ୟପାଳଙ୍କ ଗସ୍ତର ତମାମ ବିବରଣୀ ମଧ୍ୟ ପ୍ରକାଶ କରୁଛନ୍ତି। ତେବେ ରାଜ ଭବନର ଅଭିଷେକ ହଲରେ ମହାମହିମ ରାଜ୍ୟପାଳଙ୍କ ଖୋଲା ମନରେ ସାମ୍ବାଦିକ ମାନଙ୍କ ସହିତ କଥାବାର୍ତ୍ତା ସେମାନଙ୍କୁ ଅତ୍ୟନ୍ତ ଖୁସି ଦେଇଥିଲା। ସେ ଅତି ସରଳ ଭାବେ କହିଥିଲେ ଯେ ସେ ଯେଉଁ ସମ୍ବିଧାନ ଅନୁସାରେ ରାଜ୍ୟପାଳ ଭାବେ ଶପଥ ନେଇଛନ୍ତି ସେହି ସମ୍ବିଧାନ ଅନୁସାରେ ସେ ମଧ୍ୟ ଜଣେ ସେବକ। ରାଜ୍ୟର ଲୋକଙ୍କ ସୁଖଦୁଃଖ ବୁଝିବା ତାଙ୍କ ଦାୟିତ୍ୱ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ଯେତେ ସବୁ ଯୋଜନା ଅଛି ତାହା ଲୋକଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାହା ମଧ୍ୟ ସେ ଜାଣିବା ଆବଶ୍ୟକ। ସେ ଏହା ମଧ୍ୟ ଆଲୋଚନା କଲାବେଳେ କହିଥିଲେ ଯେ ଏଯାବତ୍ ବି ଅନେକ ଲୋକ ବା ହିତାଧିକାରୀ ବହୁ କେନ୍ଦ୍ରୀୟ ଯୋଜନା ବାବଦରେ ଜାଣିନାହାଁନ୍ତି। ରାଜ୍ୟପାଳ ଯେଉଁ ଜନ ଶୁଣାଣି ବା ଲୋକମାନଙ୍କୁ ଭେଟିଲା ବେଳେ ଅଭାବ ଅସୁବିଧା ଜାଣୁଛନ୍ତି ସେ ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଅବଗତ କରାଉଛନ୍ତି। ଓଡ଼ିଶାର ସାମ୍ବାଦିକ ମାନଙ୍କ ପାଇଁ ଏହି ମକର ମିଳନଟି ପୁରାପୁରି ନୂତନ ଅଭିଜ୍ଞତାରେ ଥିଲା। ସେମାନେ ମହାମହିମ ରାଜ୍ୟପାଳଙ୍କ ସହ ଫଟୋ ଉଠାଇବାର ସୁଯୋଗ ପାଇଥିଲେ। ବହୁଦିନ ପରେ ଓଡ଼ିଶାବାସୀ ଜଣେ ଲୋକପନ୍ଥୀ ଉଦାର ଆଉ ବିଶାଳ ହୃଦୟର ରାଜ୍ୟପାଳ ପାଇଛନ୍ତି ବୋଲି ଜଣାପଡ଼ିଥିଲା। ମହାମହିମ ରାଜ୍ୟପାଳ ଅତି ଖୋଲା ଭାବନାରେ ବ୍ୟକ୍ତ କରିଥିଲେ ଯେ ଓଡ଼ିଶାକୁ ବିକଶିତ ହେବାକୁ ହେଲେ ପ୍ରଥମେ ଲୋକଙ୍କ ମାନସିକତାକୁ ବଦଳାଇବାକୁ ପଡ଼ିବ। ଅଳ୍ପରେ ସନ୍ତୁଷ୍ଟ ହୋଇ ରହିବା ଗୁଣକୁ ପରିତ୍ୟାଗ କରିବାକୁ ପଡ଼ିବ। ଓଡ଼ିଶା ଆଉ ଗରିବ ରାଜ୍ୟ ହୋଇନାହିଁ। ରାଜ୍ୟ ବିକଶିତ ହୋଇ ଅଭିବୃଦ୍ଧି ପଥରେ ଆଗଉଛି ଏବଂ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅନୁଦାନ ମଧ୍ୟ ଦେଉଛନ୍ତି। ତେଣୁ ଓଡ଼ିଶାବାସୀଙ୍କୁ ନିଜକୁ ଆଗେଇ ନେବା ପାଇଁ ସେମାନଙ୍କ ଚିନ୍ତାଧାରା ମଧ୍ୟ ବଢ଼ାଇବା ଜରୁରୀ। ରାଜ୍ୟପାଳଙ୍କ ଏହି ଆଶ୍ୱାସନା ଓ ରାଜ୍ୟବାସୀଙ୍କ ପାଇଁ ଯେଉଁ ସ୍ୱପ୍ନ ସମ୍ଭାବନାର ବିକାଶ ଚେତନା କମ ବଡ଼ କଥାନୁହେଁ। ସମ୍ଭବତଃ କୌଣସି ରାଜ୍ୟପାଳ ଏପରି ଖୋଲା ହୃଦୟରେ ନିଜ ରାଜ୍ୟର ଲୋକମାନଙ୍କର ସର୍ବବିଧ ମଙ୍ଗଳ ପାଇଁ ଚିନ୍ତା କରିନଥିଲେ। ଓଡ଼ିଶାବାସୀ ହୃଦୟଙ୍ଗମ କରିସାରିଲେଣି ସେ ଜଣେ ଏପରି ରାଜ୍ୟପାଳ ପାଇଛନ୍ତି ଯେ ଯଥାର୍ଥରେ କୋଟି କୋଟି ଓଡ଼ିଆଙ୍କ ଘରର ଦାୟିତ୍ୱବାନ ମୁରବୀ। ସୁଖଦୁଃଖ, ଭଲମନ୍ଦରେ ସେମାନେ ରାଜଭବନକୁ ଯାଇ ନିଜ ଆପତ୍ତି, ଦୁଃଖ, କଷ୍ଟ ତ ଜଣାଇପାରିବେ ନିଶ୍ଚୟ। ଏହି ସମୟରେ ମନେପଡ଼ିଯାଉଛି ମହାମହିମଙ୍କ ଦାୟିତ୍ୱ ନେବା ସମୟର ଧାଡ଼ିଟି। ପ୍ରତିଟି ଅସହାୟ ଓ ଗରିବଙ୍କ ପାଇଁ ରାଜଭବନ ସବୁବେଳେ ଖୋଲା ରହିବ। ଓଡ଼ିଶାର ମକର ସଂକ୍ରାନ୍ତି ସହ ଓଡ଼ିଶା ସାମ୍ବାଦିକତାର ଇତିହାସରେ ରାଜ୍ୟପାଳଙ୍କ ସହ ସାମ୍ବାଦିକମାନେ କଥାବାର୍ତ୍ତା କରି ସେହି ଚେତନାର ବାର୍ତ୍ତା ବେଶ ଭଲ ଭାବେ ଅନୁଭବ କରିସାରିଥିବେ। ସେମାନଙ୍କ ଲେଖନୀ ଯେତେବେଳେ ଯେ କେଉଁ ଲୋକଟିର ଅସହାୟ ଦୁଃଖ ଦୁର୍ଦ୍ଦଶାର ଚିତ୍ର ଉଲ୍ଲେଖ କରିବା ପାଇଁ ଯିବ ମହାମହିମଙ୍କ ସାକ୍ଷାତକାର ଆଉ ତାଙ୍କ କଥାଟି ନିଶ୍ଚିନ୍ତ ମନେ ପଡ଼ିବ। ମକର ସଂକ୍ରାନ୍ତିରେ ମୋ ଓଡ଼ିଶାର ସବୁ ସାମ୍ବାଦିକ ଭାଇ ଭଉଣୀଙ୍କ ପାଇଁ ଅନେକ ଶୁଭେଚ୍ଛା।


+ପ୍ରତିଷ୍ଠାତା ସମ୍ପାଦକ
'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,
ମୋ : ୭୪୮୮୯୯୮୫୩୨



ଓଡ଼ିଆ ଜନଚେତନାରେ ଓ ସାମାଜିକ ଆଧ୍ୟାତ୍ମିକ ଚେତନାରେ ମକର ସଂକ୍ରାନ୍ତି ଏକ ସ୍ମରଣୀୟ ଦିନ। ତେବେ ଜାନୁଆରୀ ୧୩ ତାରିଖ ଶନିବାରଟି ଓଡ଼ିଶାର ଗଣମାଧ୍ୟମ ପ୍ରତିନିଧି ମାନଙ୍କ ପାଇଁ ଏକ ସ୍ମରଣୀୟ ଦିନ ହୋଇ ଓଡ଼ିଶା ଗଣମାଧ୍ୟମ ଇତିହାସରେ ଲିପିବଦ୍ଧ ହୋଇ ରହିବ। କାରଣ ସମ୍ଭବତଃ ସର୍ବପ୍ରଥମ ରାଜ୍ୟରେ ପ୍ରଥମ ଥର ପାଇଁ ମହାମହିମ ରାଜ୍ୟପାଳ ମକର ମିଳନର ଆୟୋଜନ କରିଥିଲେ। ଯାହାର ଆୟୋଜକ ଥିଲେ ମହାମହିମ ରାଜ୍ୟପାଳ ତଥା ରାଜ୍ୟର ପ୍ରଥମ ନାଗରିକ ରଘୁବର ଦାସ। ଓଡ଼ିଶାରେ ପ୍ରଥମ ଥର ପାଇଁ ରାଜଭବନରେ ସାମ୍ବାଦିକ ମାନଙ୍କର ଏଭଳି ମହାମହିମ ରାଜ୍ୟପାଳଙ୍କ ସହ ଭେଟଭାଟ କେବଳ ରାଜ୍ୟର ଗଣମାଧ୍ୟମକୁ ଚର୍ଚ୍ଚିତ ଶିରୋନାମା କରିନାହିଁ ଜାତୀୟ ଗଣମାଧ୍ୟମରେ ଏକ ବଡ଼ ଆଲୋଡ଼ନର ବ୍ରେକିଂ ନ୍ୟୁଜ ପାଲଟିଛି।




## ଦଳ, ବଳ, ସରକାରୀ କଳ ଏବଂ ଅସହାୟ ଜନତା

### ବିଷ୍ଣୁ ପ୍ରସାଦ ଦାସ

ପୃଥିବୀର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଭାରତ ବର୍ଷ, ଜନସଂଖ୍ୟା ଦୃଷ୍ଟିରୁ ମଧ୍ୟ ଏକ ନମ୍ବର୍ ସ୍ଥାନରେ ରହିଛି। ଗଣତନ୍ତ୍ରର ଦ୍ୱାହି ଦେଇ ନିଜ ସ୍ୱାର୍ଥ ସିଦ୍ଧି ପାଇଁ ପ୍ରାୟ ପ୍ରତି ସପ୍ତାହରେ ଓଡ଼ିଶା ର କୌଣସି ନା କୌଣସି ସ୍ଥାନର ରାସ୍ତା ଅବରୋଧ କରାଯାଉଛି । ରାସ୍ତା ଅବରୋଧ କରି, ବନ୍ଦ୍ ଡାକରା ଦେଇ ଜନସାଧାରଣ ଙ୍କ ପ୍ରଭୂତ କ୍ଷତି ଘଟାଉ ଥିବା ବ୍ୟକ୍ତି ବିଶେଷ/ଦଳ/ବଳ କ'ଣ ପ୍ରତିପାଦିତ କରିବାକୁ ଚାହୁଁଛନ୍ତି ? ଲକ୍ଷ ଲକ୍ଷ ଲୋକଙ୍କୁ ଅସୁବିଧାରେ ପକାଇ ଜୋର୍ ଜବରଦସ୍ତ ଦୋକାନ ବଜାର ବନ୍ଦ କରିବା, ଭଙ୍ଗା ରୁଜା, ପୋଡ଼ା ଜଳା, ରାଜ ରାସ୍ତା ଅବରୋଧ, ଜନତାଙ୍କୁ ଖରାପ୍ ବ୍ୟବହାର ସହିତ ମାର ଧର୍ ତଥା ହତ୍ୟା ପର୍ଯ୍ୟନ୍ତ କଥା ଚାଲି ଯାଉଛି। ଏପରି କେତେଦିନ ଚାଲିଥିବ ? ଗଣତନ୍ତ୍ର ଦେଇଥିବା ସ୍ୱାଧୀନତା କୁ କେତେ ଦିନ ଆମେ ଏପରି କୁ ମାର୍ଗ ରେ ସ୍ୱାର୍ଥ ପାଇଁ ବ୍ୟବହାର କରିବା ? ସବୁ ଜାଣି ଶୁଣି, ଅନୁଭବ କରି ମଧ୍ୟ ବୁଦ୍ଧିଜୀବୀ, ପ୍ରଶାସନ, ନ୍ୟାୟପାଳିକା ଠିକ୍ ମହାତ୍ମା ଗାନ୍ଧୀ ଙ୍କ ତିନି ମାଙ୍କଡ ସଦୃଶ ଆଚରଣ କରୁଥିବା ପରି ହୃଦବୋଧ ହେଉଛି।

ଖୁବ୍ ସାମାନ୍ୟ କଥାରେ ଗତ ୧୨ ଜାନୁଆରୀ ୨୦୨୪ ତାରିଖ ଦିନ ଭୁବନେଶ୍ୱର ରାଜ ରାସ୍ତା ଅବରୋଧକୁ କଣ ଏଡ଼ାଇ ଯାଇ ହୋଇ ନ ଥାଆନ୍ତା ? ଦଳୀୟ ନେତାଙ୍କ ରାସ୍ତା ରୋକ୍ ବିଷୟରେ କଣ ଗୋଇନ୍ଦା ବିଭାଗ ଅବଗତ ନ ଥିଲେ ? ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବନ୍ଦ୍ ଡାକରା, ରାସ୍ତା ରୋକ୍ ଦ୍ୱାରା ଯେଉଁ ପରିମାଣରେ କ୍ଷତି ଜନ ସାଧାରଣ ସହିଲେ, ହଜାର ହଜାର ଗାଡ଼ି ମଟର, ଟ୍ରକ୍, ଆମ୍ବୁଲାନ୍ସ ବିଭିନ୍ନ ରାସ୍ତାରେ ଅଟକି ରହିଲେ ସେଥିପାଇଁ ଆମେ କାହାକୁ ଦାୟୀ କରିବା ? ଏହାର ଉତ୍ତର ଦାୟିତ୍ୱ କିଏ ନେବେ ? ଖବର କାଗଜ ମାନଙ୍କରେ ପ୍ରକାଶିତ ତଥା ଟିଭି ରେ ପ୍ରସାରିତ ଖବର ଆଧାରରେ ଯଦି ତର୍ଜମା କରିବା ତେବେ, ଜଣେ ବାହୁବଳୀ ଦଳୀୟ କର୍ପୋରେଟର ଆଇନ୍ କୁ ସମ୍ମାନ ନ ଜଣାଇ ଜଣେ କର୍ତ୍ତବ୍ୟ ରତ ମହିଳା ଆରକ୍ଷୀ ଙ୍କୁ ମାଡ ମାରିବା ଅଭିଯୋଗରେ ମଞ୍ଚେଶ୍ୱର୍ ଥାନା ଦ୍ୱାରା ନିର୍ଯାତନାର ଶିକାର ହୋଇଥିବା ବେଳେ ତାଙ୍କୁ ନ୍ୟାୟ ଦେବା ପାଇଁ ଉକ୍ତ ରାସ୍ତା ରୋକ୍ କରା ଯାଇଥିଲା। ଭାଇମାନେ, ଆରକ୍ଷୀ ଏବଂ କର୍ପୋରେଟର ଙ୍କ କଳି ପାଇଁ ଆମେ କାହିଁକି ନିର୍ଯାତିତ ହେଲୁ ? ନିଜ ଅନୁଭୂତିରୁ କହୁଛି ରାଜ୍ ଭବନ, ଭୁବନେଶ୍ୱର ଠାରୁ କଟକ ଆସିବା ପାଇଁ ମୋତେ ନିଜ କାର୍ ଚଳାଇ ପ୍ରାୟ ୩ ଘଣ୍ଟା ସମୟ ଲାଗି ଯାଇଥିଲା, ଯେଉଁ ରାସ୍ତାରେ ଗଲେ ପୋଲିସ୍ ଅନ୍ୟ ରାସ୍ତା ଦେଖାଉ ଥିଲେ, ସେହିପରି ଟ୍ରକ୍, ଆମ୍ବୁଲାନ୍ସ ସେବା ମଧ୍ୟ ଠପ୍ ହୋଇ ଯାଇଥିଲା। ପ୍ରଶାସନ ତୃଣ ମୂଳ ସ୍ତରରୁ ସମାଧାନ ନ କରି ଅଯଥା ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ସର୍ବ ସାଧାରଣଙ୍କ ମଧ୍ୟରେ ଆଲୋଚିତ ହେଉଛି। ପୋଲିସ୍ ସମଚକ୍ରରେ ପ୍ରତିହିଂସା ପରାୟଣ ହୋଇ ନିଜ ଲକ୍ଷ୍ମଣ ରେଖା ଭୂଲି ଯାଉଛନ୍ତି , ସମାଜର ରକ୍ଷକ ଯଦି ଏପରି ଆଚରଣ କରିବେ ତେବେ ଏହା ଅରାଜକତା ର ଅୟମାରମ୍ଭ ବୋଲି ବିବେଚନା କରାଯିବ। ଆଇନ୍ କାନୁନ୍ ବିଷୟରେ ଅଜ୍ଞ ବା ସବ୍ ଯାନତା ନେତୃବୃନ୍ଦ ପ୍ରଥମେ ନିଜକୁ ନିଜେ ଶୃଙ୍ଖଳିତ କରିବାର ସମୟ ଉପନୀତ ଅନ୍ୟଥା ' ଗୋଦରି ଲୋ ନିଜ ଗୋଡ଼କୁ ଅନା ' ବୋଲି ଆଲୋଚିତ ହେବେ। ଦଳର ମୁଖିଆ ପରିବାରର ପିତୃ ତୁଲ୍ୟ, କୁହନ୍ତୁ ତ ଯଦି ଆପଣଙ୍କର ସନ୍ତାନ ଭୂଲ କରୁଛି ଏବଂ ଶିକ୍ଷକ ଆକଟ କରୁଛନ୍ତି ତେବେ ଆପଣ କଣ କିଛି ନ ବୁଝି ଶିକ୍ଷକ ଙ୍କୁ ବହିଷ୍କାର ଦାବୀ ବା ମାଡ ମାରିବା ପାଇଁ ଯିବେ ? ପଡୋଶୀ ଘରେ ଟେକା ମାରି ଝରକା କାଚ ଭାଙ୍ଗିଲେ କଣ ଆପଣ ଆକଟ କାରିବେ ନାହିଁ ?

ଆପଣ ନିଜକୁ ନିଜେ ପଚାରନ୍ତୁ ଏହା କିପରି ନ୍ୟାୟ ଆଉ ଆପଣ ମାନଙ୍କ ବିଚାର ବୁଦ୍ଧି ? ଭୋଟ ରାଜନୀତି ପାଇଁ ସାଧାରଣ ଜନତା ଆଜି ଅସହ୍ୟ ଯନ୍ତ୍ରଣା ଅନୁଭବ କରୁଛନ୍ତି। ପ୍ରଶାସନ ପରୋକ୍ଷରେ ସର୍ବଦା ଶାସକ ଦଳର ହାତ ବାରିଶି ହୋଇ ରହି ଥାଆନ୍ତି, ଏହି ପ୍ରକ୍ରିୟା ବ୍ରିଟିଶ ଶାସନ ସମୟରୁ ଚଳି ଆସୁଛି ଏବଂ ଆଗକୁ ମଧ୍ୟ ଚାଲି ଥିବ। କେବଳ ଏହି କଥା ନୁହେଁ, ସଡ଼କ ଦୁର୍ଘଟଣାରେ ଯଦି କେହି ମୃତାହତ ହେଲେ ତେବେ ରାସ୍ତା ରୋକ୍ ହୁଏ। ସେଠାରେ ବୁଝିବେ ନାହିଁ ଯେ, ନାବାଳକ ପିଲାଟି କାହିଁକି ମଟର ବାଇକ୍ ବିନା ଲାଇସେନ୍ସ, ବିନା ହେଲମେଟ, ବିନା ବୀମା, ବିନା କାଗଜ ପତ୍ରରେ ଚଳାଉ ଥିଲେ ? ତିନି ଚାରିଜଣ କାହିଁକି ବାଇକ୍ ରେ ବସିଥିଲେ ? ସବୁ ଦୋଷ କଣ ଟ୍ରକ୍ ବାଲାର ? କଲେଜ୍ ନିର୍ବାଚନ ହେଲାନାହିଁ ତାହା ଛାତ୍ର ଛାତ୍ରୀ ମାନେ ରାସ୍ତା ରୋକ୍ କରୁଛନ୍ତି । ଏହିପରି ଅନେଗୁଡ଼ିଏ ଉଦାହରଣ ଦିଆ ଯାଇପାରେ । ସାଧାରଣ କର ଦାତା କ'ଣ କେହି ନୁହନ୍ତି ? ତାଙ୍କର ସ୍ୱାଧୀନତା କ'ଣ ଏହି ଗୋଷ୍ଠୀଙ୍କ ପାଖରେ ବନ୍ଧା ପଡ଼ିଛି ? ନା ପାଟି ଫିଟାଇଲେ ଆକ୍ରୋଶ ର ଶୀକାର ହେବାକୁ ପଡିବ ?

ଉପରୋକ୍ତ ଲେଖାଟି କୌଣସି ରାନୈତିକ ଦଳକୁ, କୌଣସି ଆରକ୍ଷୀ କର୍ମଚାରୀଙ୍କୁ ତଥା କୌଣସି ପ୍ରଶାସନିକ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଆକ୍ଷେପ କରାଯାଇ ନାହିଁ। ଏହା ଆମ ଦେଶର ସ୍ୱାଧୀନତାର ଅପବ୍ୟବହାର ଛଡ଼ା ଅନ୍ୟ କିଛି ନୁହେଁ। ଦେଶର ପ୍ରଗତି ବନ୍ଦ୍ ପାଳନ କିମ୍ବା ରାସ୍ତା ଅବରୋଧ କରି ସାଧିତ ହେବାର ନଜିର କୌଣସି ପ୍ରଗତିଶୀଳ ଦେଶରେ ଦେଖିବା ବିରଳ। ଜଣେ ସଚେତନ ନାଗରିକ ହିସାବରେ ଉକ୍ତ ବିଷୟଟି ଉତ୍ଥାପନ କରିବାକୁ ଉଚିତ୍ ମଣିଲି।


ଝାଞ୍ଜିରୀ ମଙ୍ଗଳା, କଟକ-୭୫୩୦୦୯
ମୋ: ୯୯୩୭୧୭୪୦୯୭





## ଜୋଛନା ଗୋ ତୁମେ ଲୁଚନା

### ବିନୟ କୁମାର ସାମଲ

ଅନନ୍ତ ଆକାଶ ନିଳୀମା ଗରଭେ
ଚୁନୀ ଚୁନୀ ତାରାଫୁଲ,
ରଜତ ଜୋଛନା ପରଶେ ସୁରମ୍ୟ
ସରଗେ ଅମୂଲ ମୂଲ।
ଅସରନ୍ତି ସୁନାଝରା ରଶ୍ମି ବୁଣି
ଦିଶୁଥାନ୍ତି ଝିଲିମିଲି,
ଜୋଛନା ପରଶେ ନାଚନ୍ତି ହରଷେ
ହସି ହସି ଖିଲିଖିଲି।
ସେ ପରଶ ଲଭି ଧରାରେ ସାଗର
ପାହାଡ ଝରଣା ନଈ,
ଅସରା ଅସରା ସୌନ୍ଦର୍ଯ୍ୟ ପସରା
ଅଙ୍ଗେ ଅଙ୍ଗେ ଯାଏ ଛୁଇଁ।
ପ୍ରତି ପ୍ରାଣେ ଭରେ ଅପୂର୍ବ ପୁଲକ
ମନେ ପ୍ରେମ ଶିହରଣ,
ସରସୀରେ କଇଁ ପ୍ରସ୍ଫୁଟିତ ହୋଇ
ସ୍ୱାଗତଇ ଆମନ୍ତ୍ରଣ।
ରୂପେଲି ଜୋଛନା ହଜିଯାଏ ଯେବେ
ଅନାୟାସେ ମେଘ କୋଳେ,
ଦୀନ କୋଟିନିଧି ହରାଇଲା ପରି
ଭ୍ରମନ୍ତି ସକଳେ ହେଲେ।
ଜୋଛନା ଗୋ ତୁମେ ସରଗ ସୁଷମା
ଅପୂର୍ବ ରୂପ ମାଧୁରୀ,
ଜୀବନକୁ କର ସରସ ସୁନ୍ଦର
ଭରି ଆନନ୍ଦ ଲହରୀ।
ଜୋଛନା ଗୋ ତୁମେ ଲୁଚନା ଲୁଚନା
ନିତ୍ୟ ପ୍ରେମର ଦ୍ୟୋତକ,
ତୁମେ ଲୁଚିଗଲେ ହଜିଯାଏ ସୁଖ
କଇଁ ଝରାଏ ଲୋତକ।
ଶାଶ୍ୱତ ପ୍ରେମର ହୃଦୟ ବୀଣାରେ
ତୁମେ ତ ସ୍ପନ୍ଦନ ସ୍ୱର,
ଜୋଛନା ଗୋ ତୁମେ ଲୁଚନା ଲୁଚନା
ତୁମ ପାଇଁ ଝୁରେ ନର।


+ବେଡାପଡ଼ା ଢେଙ୍କାନାଳ
ମୋ ୯୭୭୭୯୨୯୪୩୮


## ମାନସୀ ମନ

### ବିନୟାନନ୍ଦ ବସ୍ତ୍ରସ୍ୟ

ମାନସୀ ହୃଦରେ ମାନ ଭରିଅଛି
ଉଦାସୀ ଉଆଁସୀ ମନ,
ଜୋଛନା ହରା ତା ଆକାଶ ମାନସ
ପଟଳେ ମାନିନୀ ଜହ୍ନ,
ଚାନ୍ଦିନୀ କୁହୁଡି ଘେରା,
ଅସ୍ୱଚ୍ଛ ଅସ୍ପୃଶ୍ୟ କ୍ଷଣପ୍ରଭା ପ୍ରାୟ
ଲାଗେ ମିଛ ମାୟା ଭରା।
ଜୀବନର ଭଗ୍ନ ବୀଣା ଛିନ୍ନ ତାରେ
ସୁର ଯାଏ ହଜି ହଜି,
ମାନସୀ ନୀରବ ଛନ୍ଦାୟିତ ସୁର
ତାଳ ସ୍ମୃତି ଭିଜକ୍ଷ ଭିଜି,
ଖୋଜେ ସେ ମହାର୍ଘ୍ୟବେଳ,
ଜୀବନ ନାଟକେ ଯବନିକା ଟାଣେ
ବୁଡ଼ିଆସିଲାଣି ବେଳ ।
ପ୍ରୀତି ସ୍ନେହ ଭରା ସଂଳାପ ଅସ୍ପଷ୍ଟ
ପ୍ରଚ୍ଛଦ ସଙ୍ଗୀତ କ୍ଷୀଣ,
ଘୂମନ୍ତ ଦର୍ଶକ ମସ୍ତକ ଭୂଲଗ୍ନ
ମରିଯାଏ ସିନା ମନ,
ଅଭିନୟ ଅସରନ୍ତି,
ତଥାପି ମଞ୍ଚରେ ରଙ୍ଗୀନ ଆଲୋକ
ଆଖି ମିଟିକା ମାରନ୍ତି।


+ଖୋର୍ଦ୍ଧା


## ରଘୁକୁଳ ତିଳକ

### ତାରାପ୍ରସାଦ ଜେନା

ରାଜା ଦଶରଥ କୌଶଲ୍ୟା ନନ୍ଦନ ରଘୁକୁଳ ତିଳକ
ରାମାୟଣ ଗାଥା ଜଗତ ଘୋଷୁଛି ସତ୍ୟସନ୍ଧ ମେଳକ
ରାଜା ଦଶରଥ କୌଶଲ୍ୟା ନନ୍ଦନ।
ପିତୃସତ୍ୟ ଜାଣି ଚଉଦ ବରଷ ଟାଣ ପଣ ପାଳିଲେ
ଅନୁଜ ଲକ୍ଷ୍ମଣ ବୈଦେହୀ ସଙ୍ଗତେ ଘୋର ବନ ଚଳିଲେ
ସୁରବୀର ନ୍ୟାୟ ଗୁଣ ପରିଚୟ ରବି ତେଜ ଚାଳକ
ରାଜା ଦଶରଥ କୌଶଲ୍ୟା ନନ୍ଦନ।
ଧର୍ମ ସ୍ୱାଭିମାନ ଶାନ୍ତି ସଂସ୍ଥାପନ ଶିବ ଧନୁ ଧାରଣ
କର୍ମ ନିତ୍ୟ ନିଷ୍ଠା ଦିବ୍ୟ ମହା ସ୍ରଷ୍ଟା ମୁକ୍ତି ପଥ କାରଣ
ଭକ୍ତ ହନୁମାନ ସେବା ପାଉଅଛ କାଳ କାଳକ ।
ରାଜା ଦଶରଥ କୌଶଲ୍ୟା ନନ୍ଦନ।
ବାଳି ଦର୍ପ ହରି ସୁଗ୍ରୀବ ସଖାକୁ ସାହା ହେଲେ ତ୍ରେତୟା
ଦଶାନନ ମାରି ଉଦ୍ଧାରିଲ ଖୁସି ସତୀ ମାଆ ସୀତୟା
ଶ୍ୟାମ ଅଭିରାମ ଜ୍ୟୋତି ଅନୁପମ ଜାଗରକ୍ଷ ପାଳକ
ରାଜା ଦଶରଥ କୌଶଲ୍ୟା ନନ୍ଦନ।


+ରଣପୁର (ଗୋଡ଼ିପାଟଣା ସାହି),
ଡାକ-ରାଜ ରଣପୁର, ଜିଲ୍ଲା - ନୟାଗଡ଼,
ପିନ୍- ୭୫୨୦୨୬, ଓଡ଼ିଶା,
ମୋ୯୩୪୮୦୫୪୩୦୦


## କହିପାରିବ କି ମାନସୀ

### ଦିନେଶ ମେହେର

ଏଇ ପ୍ରେମର ଆୟୁଷ କେତେଦିନ ?
ଜାଣିନି,
କିନ୍ତୁ ସମୟର ତାଳେ ତାଳେ
ସର୍କସ୍‌ର ମାଙ୍କଡ ଟିଏ ଭଳି
ନାଚି ଚାଲୁଛି, ଆଗକୁ ବି ଚାଲୁଥିବି;
ବେଳେ ବେଳେ
ଅନ୍ଧକାର ଭିତରେ ବି ଖୋଜେ ନିଜକୁ,
ନିଜ ଭିତରେ ଥିବା
ମୁଠାଏ ବିଶ୍ୱାସକୁ,
କେଜାଣି
ବାରମ୍ବାର ହତାଦର କରୁଥିବା
ସେଇ ବିଶ୍ୱ ବିଧାତାକୁ ହକ୍ ଟିକକ ମାଗିବା ପାଇଁ
ଭାରି ବାଧେ;
ତମେ ଜାଣିଛ,
ତମେ ତ ଅଳି ଅଳି ରାଜଜେମା ଟିଏ,
କେଉଁ ରଜା ଉଆସର ଏକମାତ୍ର ଦାୟଦ,
ତୁମ ସ୍ୱପ୍ନିଳ ଆଖିରେ
ଭାସୁ ଥାଏ ମେଞ୍ଚା ମେଞ୍ଚା ସ୍ୱପ୍ନ ସବୁ,
ସାତ କୁବେରର ଗୁପତ ସିନ୍ଦୁକ,
ଆକାଶର ପାରିଜାତ ଫୁଲ
କେତେ କଣ !
କେମିତି ମୁଁ ଯେ
ଆଖିଏ ସ୍ୱପ୍ନ ନେଇ ଅବାସ୍ତବ ଦୁନିଆକୁ
ଓହୋରି ଯିବି, ତମେ କହ ?
ଏତିକି ଜାଣିଛି ଯେ,
ନିଦ ଆସେନା
ରାତି ପାହେନା
ତୁମ ଅନୁପସ୍ଥିତିରେ,
ତୁମ ବିନା
ଜୀବନର ସଂଜ୍ଞା ଖୋଜି ପାଏନା,
ଏବେ ତମେ କହ
ଏଇ କଳଙ୍କିତ ହୃଦୟରେ
କେତେଦିନ ଅବା ବଞ୍ଚି ରହିବ ବିଶ୍ୱାସ,
ନିଜ ଆତ୍ମସମ୍ମାନ କୁ ଜଳାଞ୍ଜଳି ଦେଇ
ଥରେ ତ ବଢେଇ ଦିଅ
ଭଲ ପାଇବାଟା ଏତେ
ସହଜ ନୁହେଁ ବୋଲି !


+ଜୁନାଗଡ଼ କଳାହାଣ୍ଡି

# ନିଦୁଆ ଲାଗୁଛି କି ?



ଏବେ ଖରାଦିନ। ନିଦୁଆ ଲାଗିବା ସ୍ୱାଭାବିକ। ପ୍ରାୟ ଦେଖାଯାଏ ଅଫିସରେ ବସିଥିବା ବେଳେ ବି ଅନିଚ୍ଛା ସତ୍ତ୍ୱେ ନିଦ ମାଡ଼ିଆସେ। ନିୟନ୍ତ୍ରଣରେ ରଖିହୁଏ ନାହିଁ। ଏହା କେବଳ ଜଣେ ଦୁଇଜଣଙ୍କ କ୍ଷେତ୍ରରେ ହୁଏନାହିଁ। ୧୦୦ରୁ ୭୦ ପ୍ରତିଶତ ଏବେ ଏମିତି ସମସ୍ୟାରେ। ଆଜିର ବ୍ୟସ୍ତବହୁଳ ଜୀବନରେ ନିଦ କମିବା ଏକ ସାଧାରଣ କଥା ହୋଇଗଲାଣି। ତେଣୁ ବେଳଅବେଳରେ ନିଦ ମାଡ଼ିବା ସ୍ୱାଭାବିକ। ଏହାକୁ କିନ୍ତୁ ନଜର ନଦେଲେ ଏହା ପ୍ରଫେସନାଲ ଲାଇଫରେ ସମସ୍ୟାର କାରଣ ହୋଇପାରେ। କାମ ଠିକରେ କରିହୁଏ ନାହିଁ। ନିଦରେ ସମସ୍ୟା ଦେଖାଦେବାର ଚାରୋଟି କାରଣ ଅଛି। ଯଦି ଶରୀର ମାନ୍ଦା ଲାଗେ, ପରିବେଶ ଯଦି କୋଳାହଳ ଥାଏ ଏବଂ ଚତୁର୍ଥରେ ମାନସିକ ସ୍ଥିତି ଯଦି ଠିକ୍ ନଥାଏ। ତେବେ ନିଦ ହୁଏନା।

କ'ଣ କରିବେ:

- ପ୍ରତଦିନ ବ୍ୟାୟାମ କରନ୍ତୁ ଏବଂ ପାର୍କକୁ କିଛି ସମୟ ଚାଲିବା ପାଇଁ ଯାଆନ୍ତୁ।
- ପ୍ରତି ଦୁଇଘଣ୍ଟାରେ ଥରେ କାମରୁ ଗୋଟେ ଛୋଟ ବ୍ରେକ ନେଇ ଅଫିସ କ୍ୟାମ୍ପସ ଭିତରେ କିଛି ସମୟ ଚଲାବୁଲା କରିପାରିବେ।
- ସ୍ୱାସ୍ଥ୍ୟପ୍ରଦ ଖାଦ୍ୟ ଆପଣଙ୍କ ଶରୀରର ଶକ୍ତି ସ୍ତରକୁ ବଢ଼ାଇଦେଇପାରିବ।
- ରାତିରେ ଶୋଇବା ସମୟରେ କମ୍ ଆଲୋକରେ ଶୁଅନ୍ତୁ, ଫଳରେ ଭଲ ନିଦ ହେବ ଏବଂ ଅଫିସରେ ଆଦୌ ମାନ୍ଦାବସ୍ଥା ଲାଗିବନି।
- ଖାଇବା ଓମେଗା ଥ୍ରୀ-ଫ୍ୟାଟି ଏସି ଥିବା ଖାଦ୍ୟ ନିଶ୍ଚୟ ସାମିଲ କରନ୍ତୁ। ଏହାଦ୍ୱାରା ରାତିରେ ଆପଣଙ୍କୁ ଠିକ୍ ଭାବେ ନିଦ ହେବ।

କ'ଣ କରିବେନି:

- ଅତ୍ୟଧିକ ମିଠା ଖାଆନ୍ତୁନି।
- ଶୋଇବା ପୂର୍ବରୁ ଟିଭି ଦେଖନ୍ତୁନି ଇଣ୍ଟରନେଟରେ ବସନ୍ତୁନାହିଁ।
- ଗୋଟିଏ ବେଡ଼ସିଟ ସପ୍ତାହରୁ ଉର୍ଦ୍ଧ୍ୱ କାଳ ବ୍ୟବହାର କରନ୍ତୁନି।
- ଡେରି ରାତିରେ ୱାର୍କ ଆଉଟ କରନ୍ତୁନି।

# ଅତ୍ୟଧିକ ଉଜ୍ଜ୍ୱଳ ଏଲଇଡି ଆଲୋକର ଶରୀର ପାଇଁ କ୍ଷତିକାରକ

ନିକଟରେ ଆମେରିକୀୟ ସ୍ୱାସ୍ଥ୍ୟ ସଂଘ ଏଲଇଡି ଆଲୋକ ସମ୍ପର୍କିତ କୋଟେକ ଅତ୍ୟାବଶ୍ୟକ ତଥ୍ୟ ବିଶ୍ୱବାସୀଙ୍କୁ ଅବଗତ କରାଇଛି। ବିଶ୍ୱର ବିଭିନ୍ନ ପ୍ରାନ୍ତର ଏହି ବତିର ବ୍ୟବହାର ବଢ଼ିଚାଲିଥିଲା ବେଳେ ଅଧିକାଂଶ ସ୍ଥଶନରେ ଉଜ୍ଜ୍ୱଳ ଏଲଇଡି ବତି ବ୍ୟବହାର କରାଯାଇଛି। ୨ବର୍ଷ ମଧରେ ଆମେରିକାର ସିଏଟଲ, କ୍ୟାଲିଫର୍ଣ୍ଣିଆ ଓ ୱାଶିଂଟନରେ ଅତ୍ୟଧିକ ଉଜ୍ଜ୍ୱଳ ଏଲଇଡି ବତି ବ୍ୟବହାର କରାଯାଇଛି। ଏହାର ଆଲୋକ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ସେଠା ସ୍ୱାସ୍ଥ୍ୟ ସଂଘ ପ୍ରକାଶ କରିଛି। ନିୟମାନୁସାରେ, ସେଠା ସଡ଼କରେ ୩ହଜାର କେଲଭିନରୁ ଅଧିକ କ୍ଷମତାସମ୍ପନ୍ନ ଏଲଇଡି ବତି ବ୍ୟବହାର କରାଯିବା ଅନୁଚିତ। ନ୍ୟୁୟର୍କ ରେଳପଥରେ ୪୦୦୦ରୁ ୫୦୦୦ କେଲିଭନ୍ କ୍ଷମତାସମ୍ପନ୍ନ ଧଳା ଏଲଇଡି ବତି ଲଗାଯାଇଛି। ଏହାକୁ ନେଇ ଜନସାଧାରଣ ମଧ୍ୟ ପ୍ରତିବାଦ କରିବା ଆରମ୍ଭ କରିଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ, ଏହି ବତିର ଆଲୋକ ପ୍ରଭାବରେ ସାଧାରଣଲୋକ ବିଚଳିତ ହୋଇଥାନ୍ତି । ଅଣଖି ଉପରେ ଏହା କୁପ୍ରଭାବ ପକାଏ। ଏହାସହ ଦୈନନ୍ଦିନ ସ୍ୱାସ୍ଥ୍ୟଜୀବନ ମଧ୍ୟ ଏହି ଉଜ୍ଜ୍ୱଳ ଏଲଇଡି ଆଲୋକ ଦ୍ୱାରା ପ୍ରଭାବିତ ହେବାର ସମ୍ଭାବନା ଯଥେଷ୍ଟ ଅଧିକ।

# ଫେସିଆଲ୍‌ରୁ ବିପଦ !

**ଫେସିଆଲ୍ କରିବା ଏବେ ଆଉ ଧନୀ ଲୋକଙ୍କ ସଉକରେ ସୀମିତ ନାହିଁ। ସାଧାରଣ ମଧବିତ୍ତ ପରିବାରର ଝିଅ, ମହିଳାମାନେ ମଧ ପାର୍ଲର ଯାଇ ଭଳିକି ଭଳି ଫେସିଆଲ୍ କରୁଛନ୍ତି। କାର୍ଯ୍ୟବ୍ୟସ୍ତତା କାରଣରୁ ପାର୍ଲର ଯିବା ସମ୍ଭବ ନହେଲେ ନିଜେ ଘରେ ବି କରୁଛନ୍ତି ରୂପଚର୍ଚ୍ଚା। ଏଥିରେ ଖରାପ କିଛି ନାହିଁ। ହେଲେ ଲଗାତର ଫେସିଆଲ୍ କରିବା ଦ୍ୱାରା ତ୍ୱଚାର ଯେଉଁ ସବୁ କ୍ଷତି ହୋଇପାରେ ସେ ବିଷୟରେ କେବେ ଚିନ୍ତା କରିଛନ୍ତି ?**



**କୁଣ୍ଡେଇ ହୋଇପାରେ :**

ଫେସିଆଲ୍ ମସାଜ୍ କରିବା ପାଇଁ ନାନା ପ୍ରକାରର କ୍ରିମ ଓ କସମେଟିକ୍ସ ପାଖାପାଖି ଅନେକ ପ୍ରକାରର ସଲ୍ୟୁସନ ବ୍ୟବହାର କରାଯାଏ। ସେସବୁ ରାସାୟନିକ ସମସ୍ତ ପ୍ରକାର ତ୍ୱଚାରେ ସହ୍ୟ ହୁଏନାହିଁ। ବିଶେଷକରି ଯେଉଁମାନଙ୍କର ଆଲର୍ଜି ପ୍ରବଣତା ରହିଛି ସେମାନଙ୍କ କ୍ଷେତ୍ରରେ ଏହି ସମସ୍ୟାକୁ ସମ୍ପୂର୍ଣ୍ଣ ଏଡ଼ାଯାଇ ନ ପାରେ।

**ହୋଇପାରେ ଫୋଟକା :**

ଫେସିଆଲ କଲା ବେଳେ କ୍ରିମ ଦେଇ ସ୍କ୍ରିବିଂ କରିବାକୁ ପଡ଼ିଥାଏ। ଲଗାତର ଯଦି କେହି ଫେସିଆଲ କରନ୍ତି ସେ କ୍ଷେତ୍ରରେ ସ୍କ୍ରିବିଂ କାରଣରୁ ମୁହଁର ତୈଳାକ୍ତ ଭାବ ନଷ୍ଟ ହୋଇଯାଏ। ତ୍ୱଚାର ବାହ୍ୟ ଆବରଣଟି ମଧ ନଷ୍ଟ ହେବାର ଭୟ ରହିଛି। ଯେଉଁ କାରଣରୁ କିଛି ମହିଳାଙ୍କ ତ୍ୱଚାରେ ପାଣିଫୋଟକା ସୃଷ୍ଟି ହୋଇଥାଏ। ଫେସିଆଲ କଲାପରେ ଯେଉଁମାନଙ୍କର ଏଭଳି ସମସ୍ୟା ସୃଷ୍ଟି ହୋଇଥାଏ ସେମାନେ ଫେସିଆଲ ନକରିବା ଭଲ।

**ଲାଲ ଦାଗ :**

ଏହାକୁ କୁହାଯାଏ ତ୍ୱଚାର ପ୍ରବାହ। ଫେସିଆଲ କ୍ଷେତ୍ରରେ ଏ ପ୍ରକାରର ପ୍ରବାହ ସାଧାରଣ। ଫେସିଆଲ ନିକଟରେ ଯେଉଁସବୁ ରାସାୟନିକ ବ୍ୟବହାର କରାଯାଏ ସେସବୁର ପାର୍ଶ୍ୱ ପ୍ରତକ୍ରିୟା ସ୍ୱରୂପ ଏଇ ପ୍ରବାହ ବା ଲାଲ ଦାଗ ଦେଖାଦେଇପାରେ। ଯେଉଁମାନେ ନିୟମିତ ଫେସିଆଲ କରନ୍ତି ସେମାନଙ୍କ କ୍ଷେତ୍ରରେ ଏହି ପ୍ରବାହ ସୃଷ୍ଟି ହୋଇଥାଏ।

**ବ୍ରଣ ଉଠିପାରେ :**

ସବୁବେଳେ ବୟସଜନିତ କାରଣରୁ ବ୍ରଣ ହୋଇନପାରେ। ଫେସିଆଲ କରିବାକୁ ଯାଇ ମୁହଁରେ ବ୍ରଣ ଉଠିବା ଅସ୍ୱାଭାବିକ ନୁହେଁ। କାରଣ ଫେସିଆଲ କରିବା ପରେ ତ୍ୱଚାରେ ଥିବା ସ୍ୱେଦଗ୍ରନ୍ଥି ଖୋଲିଯାଏ। ସେହି ବାଟେ ତୈଳାକ୍ତ ସ୍ୱେଦ ବାହାରିଆସେ। ଏହି କାରଣରୁ ବ୍ରଣ ଉଠିଥାଏ। ଫେସିଆଲ କରିବା ପରେ ଟୋନିଂ ଠିକ୍ ଭାବେ ନକରିଲେ ବ୍ରଣ ବା ଫୋଟକା ଉଠିଥାଏ।

**ଆଲର୍ଜି ହୋଇପାରେ :**

ଅନେକ ପ୍ରକାରର ଫେସିଆଲ ଅଛି। କେଉଁ ଫେସିଆଲରେ କିଭଳି ପ୍ରଡକ୍ଟ ବ୍ୟବହୃତ ହୋଇଛି ତାହା ଉପରେ ନିର୍ଭର କରେ ଫେସିଆଲର ପ୍ରକାର। ପୁଣି ସମସ୍ତଙ୍କ ତ୍ୱଚାରେ ଗୋଟିଏ ପ୍ରକାରର ଫେସିଆଲ ହୁଏ ନାହିଁ। ତ୍ୱଚାର ପ୍ରକାରଭେଦ ଉପରେ ଫେସିଆଲର ନିର୍ଭରତା ନିର୍ଭର କରେ। ଫେସିଆଲ ପାଇଁ ଠିକ୍‌ଠାକ୍ ଉତ୍ପାଦ ନବାଛିଲେ, ଫଳ ବିପରୀତ ହୋଇପାରେ। ଆଲର୍ଜିର ଆଶଙ୍କା ମଧ ଥାଏ।

**କ୍ଷତ ସୃଷ୍ଟିହୁଏ :**

ଫେସିଆଲ କଲା ବେଳେ ବ୍ଲାକହେଡ୍ ବାହାର କରିବାକୁ ଯାଇ ବିଉଟି ଶିଆନମାନେ ନାନା ପ୍ରକାରର ଯନ୍ତ୍ରପାତି ବ୍ୟବହାର କରିଥାନ୍ତି। ଆଙ୍ଗୁଳି ସାହାଯ୍ୟରେ ଚାପ ପକାନ୍ତି। ଅନଭିଜ୍ଞ ବିଉଟିଶିଆନଙ୍କ ଦ୍ୱାରା ଏହି ପଦ୍ଧତିରେ ବ୍ଲାକହେଡ଼ସ ବାହାର କରାଗଲେ କ୍ଷତ ସୃଷ୍ଟି ହୋଇଥାଏ।



# ଅଜଣା ହେଲେ ବି ଅନନ୍ୟ



ନିତିଦିନିଆ ବିରକ୍ତିକର ଜୀବନଶୈଳୀରୁ ଟିକେ ବିରତି ନେବା ଉଦ୍ଦେଶ୍ୟରେ ଆମେ ସାଧାରଣତଃ ବୁଲିବାକୁ ଯାଇଥାଉ। କେବେ ଶୀତଳ ଶୈଳନିବାସ ତ ଆଉ କେବେ ସମୁଦ୍ର ସୈକତ, ପୁଣି କେତେବେଳେ ଦିଗନ୍ତ ପ୍ରସାରୀ ମରୁଭୂମି। ଆମ ଦେଶରେ ପର୍ଯ୍ୟଟନସ୍ଥଳୀର ଅଭାବ ନାହିଁ। ତେଣୁ ଗନ୍ତବ୍ୟ ସ୍ଥଳ ଠିକ୍ କରିବାରେ ମଧ ଅସୁବିଧା ହୁଏନି। ହେଲେ ଆମ ଦେଶରେ ଏମିତି ଅନେକ ସୁନ୍ଦର ସ୍ଥାନ ଅଛି ଯେଉଁଗୁଡ଼ିକର ଅବସ୍ଥିତି ବିଷୟରେ ଖୁବ୍ କମ ଲୋକ ଜାଣନ୍ତି। ସେଇସବୁ ନିରୋଳା ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ପର୍ଯ୍ୟଟକମାନଙ୍କ ପାଇଁ ଅଜଣା ହୋଇପାରେ। ମାତ୍ର ଥରେ ବୁଲି ଆସନ୍ତୁ। ନିଶ୍ଚିତ ଭାବେ କହିବେ ସେଗୁଡ଼ିକ ଗୋଟିଏ ଶବ୍ଦରେ ଅନନ୍ୟ। ଏହି କ୍ରମରେ ଆସନ୍ତୁ ଜାଣିବା ସେମିତି କେତୋଟି ପର୍ଯ୍ୟଟନ ସ୍ଥଳୀ।

**ତାଡ଼ୋବା, ମହାରାଷ୍ଟ୍ର:**

ପଶୁ-ପକ୍ଷୀ, ଜୀବଜନ୍ତୁଙ୍କ ପ୍ରତି ଭଲପାଇବା ଥିଲେ ଏଠାକୁ ଥରେ ବୁଲିବାକୁ ଯାଇପାରନ୍ତି। ଏହାସହିତ ଜଙ୍ଗଲ ଓ ଫଟୋଗ୍ରାଫିର ନିଶାଥିଲେ ତ ଆପଣଙ୍କ ଟଙ୍କା ଠିକ୍ ବାଟରେ ଖର୍ଚ୍ଚ ହୋଇଛି ବୋଲି ଭାବିବେ। ମହାରାଷ୍ଟ୍ରରେ ଅନେକ ସୁନ୍ଦର ସୁନ୍ଦର ପର୍ଯ୍ୟଟନ ସ୍ଥଳୀ ରହିଛି। ତେବେ ଡାଡୋବା ଜାତୀୟ ଉଦ୍ୟାନ, ତାଡ଼ୋବା-ଅନ୍ଧେରୀ ବ୍ୟାଘ୍ର ସଂରକ୍ଷଣ, ତ୍ତୋବା ଲେକ, ଏରି ଡ୍ୟାମ, ମୋହରଲି ଏବଂ ଖୋସଲା ଗ୍ରାମ ଥରେ ଯାଇ ବୁଲି ଆସନ୍ତୁ। ଜିପ ସଫାରି କରି ଜଙ୍ଗଲ ମଧ ବୁଲି ଦେଖି ପାରନ୍ତି।



ଜୀବଜନ୍ତୁ ଅବଶ୍ୟ ଆଖିରେ ପଡ଼ିବେ। ଆଉ ଭାଗ୍ୟରେ ଥିଲେ ଜଙ୍ଗଲର ରାଜା ବାଘର ବି ଦର୍ଶନ ମିଳିପାରେ। ଅକ୍ଟୋବରୁ ମାର୍ଚ୍ଚ ମାସ ମଧରେ ଯାଇପାରିବେ। ତେବେ ବର୍ଷାଦିନ ଏଠାକୁ ନଯିବା ଭଲ।

**ତାମେଂଲଙ୍ଗ୍, ମଣିପୁର:**

ବୁଲି ବୁଲି ଭ୍ରମଣ କରିବା ଅନେକଙ୍କର ପସନ୍ଦ ନୁହେଁ। କିଛି ଲୋକ ଅଛନ୍ତି ଯେଉଁମାନେ ଏକାନ୍ତ ପସନ୍ଦ କରନ୍ତି। ନିରୋଳା ପରିବେଶ ପସନ୍ଦ କରୁଥିବା ପର୍ଯ୍ୟଟକମାନଙ୍କ ପାଇଁ ତାମେଂଲଙ୍ଗ ଖୁବ ସୁନ୍ଦର ସ୍ଥାନ। ଅତି ପରିଚିତ ନାଁ ନୁହେଁ, କିନ୍ତୁ ମଣିପୁରର ସୁନ୍ଦର ଶୈଳନିବାସଗୁଡ଼ିକ ମଧ୍ୟରୁ ଏହା ଅନ୍ୟତମ। ଅକ୍ଟୋବରରୁ ଏପ୍ରିଲ ମାସ ମଧରେ ତାମେଂଲଙ୍ଗ ଯାଆନ୍ତୁ। ଗ୍ରୀଷ୍ମ ଓ ବର୍ଷା ଉଭୟ ସମୟରେ ନଗଲେ ଭଲ।

**ମଓସିନରାମ, ମେଘାଳୟ:**

ପିଲାଦିନେ ଏହି ସ୍ଥାନଟିର ନାଁ ହୁଏତ ଭୂଗୋଳ ବହିରେ କେତେଥର ପଢ଼ିଥିବେ। ଏହା ଭାରତର ସବୁଠୁ ବର୍ଷାମୁଖର ସ୍ଥାନ। କାରଣଟା ଅବଶ୍ୟ ପ୍ରାୟ ସମସ୍ତେ ଜାଣନ୍ତି। ବୃଷ୍ଟିସ୍ନାତ ମିଓସିନରାମର ରୂପ ଦେଖିବା ଭଳି। ବୃଷ୍ଟିପରେ ମଧ ଅତି ରମଣୀୟ ଲାଗିଥାଏ ଏହି ସ୍ଥାନ। ଏଠାକାର ସବୁଜିମା ଓ ଛୋଟ ବଡ଼ ଝରଣା ମଧରେ ପର୍ଯ୍ୟଟକମାନେ ନିଜକୁ ଏକପ୍ରକାର ହଜେଇ ଦିଅନ୍ତି। ସେପ୍ଟେମ୍ବରରୁ ନଭେମ୍ବର ଏହି ସ୍ଥାନକୁ ଯିବାର ପ୍ରକୃଷ୍ଟ ସମୟ। ଯଦି ମନେ କରନ୍ତି ଆପଣ ବର୍ଷା ଋତୁରେ ଯିବେ ତା'ହେଲେ ଯାଇପାରନ୍ତି। ତେବେ ଟିକେ ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ।

**ଲୁଙ୍ଗଲେଇ, ମିଜୋରାମ:**

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମିଜୋରାମର ଏକ ଛୋଟ ଅଥଚ ଆକର୍ଷଣୀୟ ସ୍ଥାନ ହେଉଛି ଲୁଙ୍ଗଲେଇ। ପାହାଡ଼ କୋଳରେ କାଠର ତିଆରି ଛୋଟ ଛୋଟ ଘରେ ଅଳସ ଭାଙ୍ଗିବାର ଏକ ସୁନ୍ଦର ଠିକଣା। କେବଳ ପାହାଡ଼ିଆ ପରିବେଶ ନୁହେଁ, ଆକାଶରେ ଭସା ମେଘର ଲୁଚକାଳି ଖେଳ ଆପଣଙ୍କୁ ଏହି ସ୍ଥାନ ପ୍ରତି ବାରମ୍ବାର ଆକର୍ଷିତ କରିବ। ବର୍ଷର ଯେକୌଣସି ସମୟରେ ଆପଣ ଏଠାକୁ ଯାଇପାରିବେ।

**ମୋକୋକଚୁଂ, ନାଗାଲ୍ୟାଣ୍ଡ:**

ନାଗାଲ୍ୟାଣ୍ଡର ସବୁଠୁ ବଡ଼ ଅର୍ବାନ ସେଣ୍ଟର ହେଉଛି ମୋକୋକଚୁଂ। ଏଠାରେ ଆପଣ ମ୍ୟୁଜିଅମ, ଟାଉନମେନ ପାର୍କ, ଅନମ୍ୟାନ୍ୟ ଗାଁ, ଆଓ ଗାଁ ଆଦି ଦେଖିପାରିବେ। ଲଂଖାମ, ଲାଂପାଂକ, ସଫଛୁକିଟ ଓ ଛୁଛୁଇୟାମାଲାଂ ନଦେଖି କୌଣସି ପର୍ଯ୍ୟଟକ ଫେରିଆସନ୍ତି ନାହିଁ। ଅକ୍ଟୋବରରୁ ଜୁନ ମଧରେ ଯେକୌଣସି ସମୟରେ ଯାଇପାରିବେ। ପ୍ରାୟ ସମୟରେ ନାନା ଉତ୍ସବରେ ମାତିଥାନ୍ତି ଏଠାକାର ବାସିନ୍ଦାମାନେ। ସେଇସବୁ ଉତ୍ସବ ଉପଭୋଗ କରିବାକୁ ଏବଂ ନୂଆ କିଛି ଦେଖିବାକୁ ଚାହୁଁଥିଲେ ମୋକୋକଚୁଂ ଅବଶ୍ୟ ଯାଆନ୍ତୁ।



# ୩୦୦ ରୋଗର ଔଷଧ ସଜନାଛୁଇଁ

**ଅଧିକାଂଶ ଲୋକ ସଜନାଛୁଇଁକୁ କେବଳ ସମ୍ବର କିମ୍ବା ଡାଲ୍‌ମାରେ ବ୍ୟବହାର କରିଥାନ୍ତି। କିନ୍ତୁ ସଜନାଛୁଇଁଠୁ ଆରମ୍ଭ କରି ଏହାର ଫୁଲ ଏବଂ ଶାଗ ମଧ ଆମ ସାସ୍ଥ୍ୟପାଇଁ ହିତକର। ଏଥିରେ ଅନେକ ପୋଷକତତ୍ତ୍ୱ ଥାଏ, ଯାହା ସାସ୍ଥ୍ୟ ପାଇଁ ଲାଭଦାୟକ। ଆୟୁର୍ବେଦରେ ଏହା ୩୦୦ ରୋଗ ପ୍ରତିକାର ଔଷଧ ଭାବେ ପରିଗଣିତ**



ସଜନା ଗଛର ଔଷଧୀୟ ଗୁଣ ସବୁରି ଉପରେ। କ୍ଷୀର ତୁଳନାରେ ୪ଗୁଣ କ୍ୟାଲସିୟମ ଏବଂ ୨ଗୁଣ ପ୍ରୋଟିନ ଏଥିରେ ମହଜୁଦ ରହିଛି। ସଜନା ଆଚାର ଏବଂ ଚଟଣି ଅନେକ ରୋଗରୁ ମୁକ୍ତି ଦେଇଥାଏ। ଏହା କେବଳ ଶରୀର ପାଇଁ ହିତକର ନୁହେଁ, ଯେଉଁ ମାଟିରେ ଗଛ ଲଗାଯାଇଥାଏ ସେ ସ୍ଥାନ ପାଇଁ ମଧ ଲାଭ ଦାୟକ ହୋଇଥାଏ।

- ସଜନାଛୁଇଁ ପାଚନ ସମ୍ପର୍କିତ ସମସ୍ତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ବଦହଜମ ସମସ୍ୟା ଥିଲେ ସଜନାର ପତ୍ରରୁ ତାଜା ରସ ବାହାର କରି ସେଥିରେ ୧ଚାମଚ ମହୁ ଓ ନଡ଼ିଆ ରସ ମିଶାଇ ପିଅନ୍ତୁ, ଆରାମ ଲାଗିବ।
- ସଜନାପତ୍ରର ପାଉଡ଼ର କର୍କଟ ଏବଂ ହୃଦରୋଗ ପାଇଁ ଔଷଧ ରୂପେ କାର୍ଯ୍ୟ କରିଥାଏ। ଅଲସର ରୋଗକୁ ମଧ ଏହା ଭଲ କରିଥାଏ।
- ରକ୍ତଚାପ ନିୟନ୍ତ୍ରଣ କରିବା ସହ ପେଟଜନିତ ସମସ୍ତ ସମସ୍ୟା ଦୂର କରିବାରେ ଏହା ସାହାଯ୍ୟ କରିଥାଏ ଏବଂ ଶରୀରକୁ ଶକ୍ତି ପ୍ରଦାନ କରିଥାଏ।
- ଏହାର ମଞ୍ଜିରେ ପାଣିକୁ ଶୋଧନ କରିବାର ଗୁଣ ଥାଏ। ମଞ୍ଜିକୁ ବାଟି ପାଣିରେ ମିଶାଇଲେ ଏହା ପାଣିରୁ ବ୍ୟାକ୍ଟେରିଆକୁ ଦୂର କରିବାରେ ସାହାଯ୍ୟ କରିଥାଏ।
- ଭିଟାମିନ ଅଭାବ ଦେଖାଦେଇଥିଲେ ସଜନା ବହୁତ ଭଲ କାମ କରିଥାଏ। ୧ରୁ ୩ବର୍ଷର ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଏହା ସବୁଠୁ ଭଲ ଔଷଧ ଭାବେ କାମ କରିଥାଏ। ଡେଙ୍ଗୁ ଏବଂ ଶୁଣ୍ଠି ସହ ସଜନାର କଢ଼ ପ୍ରସ୍ତୁତ କରି ସେଇ ପାଣି ପିଇଲେ ଅଜୀର୍ଣ୍ଣ ଦୂର ହୋଇଥାଏ।
- ଏହାର ଜୁସ୍ ପ୍ରସ୍ତୁତ କରି ଗର୍ଭବତୀ ମହିଳାଙ୍କୁ ପିଇବାକୁ ଦିଅନ୍ତୁ। ଏଥିରେ ଗର୍ଭଜନିତ କଷ୍ଟରୁ ମୁକ୍ତି ମିଳିଥାଏ। ସଜନାପତ୍ର ଭଳି ସଜନା ଛୁଇଁରେ ମଧ ଅଧିକ ଭିଟାମିନ ଥାଏ। ଏଥିରେ ଭିଟାମିନ ଏ ଥାଏ। ଏହା ସ୍ୱାସ୍ଥ୍ୟ ପାଇଁ ହିତାକର ହେବା ସହ ଆଖି ପାଇଁ ଉତ୍ତମ ସାବ୍ୟସ୍ତ ହୋଇଥାଏ।

# ଦୈନିକ କାଜୁ ଖାଆନ୍ତୁ

ନାନାଦି ଡ୍ରାଏଫ୍ରୁସ ମଧ୍ୟରୁ ବିଶେଷଜ୍ଞଙ୍କ ମତ ହେଉଛି କାଜୁ ନିୟମିତ ଭାବରେ ଖାଇବା ଶରୀର ପାଇଁ ହିତକର। କାନାଡ଼ାର ଏକ ଗବେଷକ ଦଳ ଏ ବାବଦରେ ତଥ୍ୟପ୍ରକାଶ କରିଛନ୍ତି। ବିଭିନ୍ନ ପରୀକ୍ଷାରୁ ସେମାନେ ପ୍ରକାଶ କରିଛନ୍ତି ଯେ, କାଜୁରେ କୋଲେଷ୍ଟରଲ ଆଦୌ ନଥାଏ। ଏଥିରେ ଲୌହ, ପ୍ରୋଟିନ, କ୍ୟାଲସିୟମ ଓ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ପରିମାଣରେ ଥିବାରୁ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପଯୋଗୀ।

- କାଜୁରେ ଭିଟାମିନ ବି ଓ ଫଲିକ ଏସିଡ୍ ଥିବାରୁ ସ୍ମୃତି ଶକ୍ତି ବୃଦ୍ଧିରେ ଏହା ସହାୟକ।
- ପ୍ରୋଟିନ ଓ କ୍ୟାଲସିୟମ କାଜୁରେ ଥିବା ଏହା ମାଂସପେଶୀକୁ ମଜବୁତ କରେ।
- କାଜୁରେ ମହଜୁଦ ଆଣ୍ଟି ଅକ୍ସିଡାଣ୍ଟ କର୍କଟ ନିରୋଧକ ଭାବରେ କାମ କରୁଥିବାର ଗବେଷକଙ୍କ ମତ।
- ଲୌହ ଥିବା କାରଣରୁ କାଜୁ ଖାଇଲେ ଆମୋନିଆ ରୋଗ ଦୂରହୁଏ।
- ମଧୁମେହ ରୋଗୀ କାଜୁ ଖାଇଲେ ସେମାନଙ୍କ ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ।
- ପୋଟାସିୟମ ଉଚିତ ପରିମାଣରେ କାଜୁରେ ଥିବାରୁ ରକ୍ତଚାପ ନିୟନ୍ତ୍ରଣରେ ରହେ।
- କାଜୁ ନିୟମିତ ଖାଇଲେ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼େ।
- କାଜୁରେ ଫାଇବର ଅଧିକ ଓ ଫ୍ୟାଟ କମ ଥିବା କାରଣରୁ ହଜମ ଠିକ୍ ଭାବେ ହେବା ସହ ଓଜନ ନିୟନ୍ତ୍ରଣାଧୀନ ରହୁଥିବା ଗବେଷକଙ୍କ ମତ।
- ଏହା ସହ କାଜୁରେ ଥିବା ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଯୋଗୁଁ ତ୍ୱଚା ଉଜ୍ଜ୍ୱଳ ହୋଇଥାଏ।

# ଦେବଗଡ଼ ବାରକୋଟରେ 'ପିଏମ ଜନଜାତି ନ୍ୟାୟ ମହା ଅଭିଯାନ' କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ




ବାରକୋଟ୍, ୧୬/୧ (ନି.ପ୍ର): ମୋଦି ସରକାର ଦେବଗଡ, ଓଡ଼ିଶା ସମେତ ସମଗ୍ର ଭାରତବର୍ଷରେ ଜନଜାତି ସମାଜକୁ ଉନ୍ନତମାନର ଜୀବନଶୈଳୀ ପ୍ରଦାନ କରିବା ପାଇଁ ଗ୍ୟାରେଣ୍ଟି ଦେଇଛନ୍ତି । ୨୪,୦୦୦ କୋଟି ଟଙ୍କା ଖର୍ଚ୍ଚ କରି ଆଦିମ ଜନଜାତି ତଥା ୭୫ ପ୍ରକାରର ପିଭିଟିଜି ଗୋଷ୍ଠୀଙ୍କୁ ସରକାରୀ ସୁବିଧା ଉପଲବ୍ଧ କରାଇବା ଦିଗରେ ପିଏମ୍ ଜନମନ ଏକ ମହାଭିଯାନ ବୋଲି ସୋମବାର ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ଡ଼ଅଁରା ଠାରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ(ପିଏମ୍ -ଜନମନ) କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

'ମକର ସଂକ୍ରାନ୍ତି' ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଏମ-ଜନମନର ହିତାଧିକାରୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କର ଅନୁଭୂତି ଶୁଣିଥିଲେ କେନ୍ଦ୍ରମନ୍ତ୍ରୀ । ଦେବଗଡ଼ ଜିଲ୍ଲାର ବାରକୋଟ୍ ଏବଂ ପାଖାପାଖି ଅଞ୍ଚଳର ଝିଲ୍ଲି ଦେଉରୀ, ବାସନ୍ତି ନାୟକ, ସଞ୍ଜୁ ଓ କୃଷ୍ଣଚନ୍ଦ୍ର ଦେହୁରୀ ମୋଦି ସରକାରରେ ପିଏମ ଆବାସରେ ପକ୍କା ଘର, ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ, ସୌଭାଗ୍ୟରେ ଘରକୁ ବିଜୁଳି ସଂଯୋଗ ପାଇ ଉପକୃତ ହୋଇଥିବା କହିଥିଲେ । ସେହିପରି ଜଳ ଜୀବନ ମିଶନରେ ଘରକୁ ପାନୀୟ ଜଳ, ପିଏମ କିଷାନ ସମ୍ମାନ ନିଧି ଏବଂ ଜନଧନ ଯୋଜନାରେ ଆର୍ଥିକ ସହାୟତା ପାଇ ସେମାନେ ସଶକ୍ତ ଓ ଆତ୍ମନିର୍ଭର ହୋଇଥିବା ହିତାଧିକାରୀମାନେ ମତ ପ୍ରକାଶ କରିଥିଲେ ।

ସେମାନଙ୍କ ସହ ଆଲୋଚନା କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କ କଳ୍ପନାରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ସଶକ୍ତ କରିବା ପାଇଁ ଅନ୍ତ୍ୟୋଦୟର ଲକ୍ଷ୍ୟ ଦିଗରେ ପିଏମ-ଜନମନର ଶୁଭାରମ୍ଭ କରାଯାଇଛି । ଦେବଗଡ଼ ଜିଲ୍ଲାର ଝିଲ୍ଲି ଦେଉରୀ, ବାସନ୍ତି ନାୟକ, ସଞ୍ଜୁ ଓ କୃଷ୍ଣଚନ୍ଦ୍ର ଦେହୁରୀଙ୍କ ପରି ପାଉଡି ଭୂୟାଁ ଜନଜାତି ସମାଜର ଲୋକମାନେ ଆଜି ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାର ବଡ଼ ଲାଭାର୍ଥୀ । ମୋଦି ସରକାରରେ ଗାଁ ଗାଁକୁ ପକ୍କା ସଡକ, କମ୍ୟୁନିଟି ସେଣ୍ଟର ସହ ଜନଜାତି ଛାତ୍ରଛାତ୍ରୀଙ୍କ ରହିବା ପାଇଁ ୧୦୦ରୁ ହଷ୍ଟେଲ ଖୋଲାଯିବାର ଯୋଜନା ରହିଛି । ଅଙ୍ଗନବାଡିର ବିକାଶ ଓ ମୋବାଇଲ ମେଡିକାଲ ୟୁନିଟ୍ ପ୍ରତିଷ୍ଠା କରାଯିବାର ଯୋଜନା ହୋଇଛି । ନମୋ ଡ୍ରୋନ ଦିଦି ଏବଂ ୨ କୋଟି ଲକ୍ଷପତି ଦିଦି ବନାଇବାର ଯୋଜନା ହୋଇଛି । ଏଥିରେ ଆଦିମ ଜାତି ତଥା ଦେବଗଡ ଜିଲ୍ଲା ଲାଭାନ୍ୱିତ ହୋଇଛି । ଦେଶକୁ ସ୍ୱାଧୀନତା ଦେବାରେ ଜନଜାତିଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ । ଓଡ଼ିଶା ଏକ ବହୁଳ ଜନଜାତି ବସବାସ କରୁଥିବା ଅଞ୍ଚଳ ଏବଂ ଜନଜାତିଙ୍କ ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ପୂର୍ଣ୍ଣ । ମୋଦି ଗ୍ୟାରେଣ୍ଟିରେ ବାଦ ବିବାଦର ଜାଗା ନାହିଁ । ମୋଦି ସରକାରରେ ଶତ ପ୍ରତିଶତ ଲୋକମାନେ ଯୋଜନାର ଲାଭ ପାଇବାର ଲକ୍ଷ୍ୟ ରଖାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଉପରେ ସମସ୍ତଙ୍କ ଭରସା ବଢିଛି । ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ମୋଦି ସରକାରଙ୍କ ଯୋଜନାରେ ବଞ୍ଚିତ ଲୋକଙ୍କୁ ଶତପ୍ରତିଶତ ଯୋଜନା ପହଞ୍ଚାଇବା ଲକ୍ଷ୍ୟ । ଆଜି ମୋଦି ଗ୍ୟାରେଣ୍ଟିରେ ଏହା ସମ୍ଭବ ହୋଇଛି । ଜନଜାତିଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଜନମନ ଯୋଜନାର କାର୍ଯ୍ୟକାରୀ ପାଇଁ ଓଡ଼ିଶା ସମେତ ଦେଶର ଜନଜାତି ସମାଜ ତରଫରୁ ପ୍ରଧାନମନ୍ତ୍ରୀଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ପିଏମ୍ ଜନମନ ବିକଶିତ ଭାରତର ସଂକଳ୍ପର ଏକ ପ୍ରମୁଖ ଆଧାର । ଦେଶରେ ୨୪ ଲକ୍ଷରୁ ଅଧିକ ପାଉଡି ଭୂୟାଁଙ୍କ ଭଳି ଜନଜାତି ଆଦିମ ଲୋକମାନେ ଅଛନ୍ତି । ଦେବଗଡ଼ରେ ୩୮ଟି ଗାଁର ୧୧୦୦ ଉର୍ଦ୍ଧ୍ୱ ପରିବାରରେ ସାଢେ ହଜାରରୁ ଅଧିକ ଏହି ଜାତିର ଲୋକମାନେ ବସବାସ କରନ୍ତି । ଛୋଟ ଛୋଟ ଜନବସତି ଓ ପାହାଡ ଘେରା ଅଞ୍ଚଳରେ ବସବାସ କରନ୍ତି । ପିଏମ ଜନମନ ମୋଦି ଶାସନରେ ପାଉଡିଭୂୟାଁ ଜନଜାତିଙ୍କୁ କୋଟିପତି କରିବାର ଯୋଜନା । ଦେବଗଡ଼ କଳା, ସଂସ୍କୃତି, ପର୍ଯ୍ୟଟନ ଜନଜାତି ଆଧାରିତ ଅଞ୍ଚଳ । ବାରକୋଟ ଏକ କୃଷିଭିତ୍ତିକ ଅଞ୍ଚଳ । ଏଠାରେ ବାଦାମ, ପନିପାରିବା, ଉନ୍ନତମାନର ଡାଲି, ଧାନ, ଗହମ ଚାଷ ହୁଏ । ମତ୍ସ୍ୟଚାଷ ହେବାର ଅପାର ସମ୍ଭାବନା ଅଛି । ତାଳଚେର ବିମଳାଗଡ ରେଳ ଲାଇନର ଦ୍ରୁତ କାମ ଆରମ୍ଭ ହୋଇଛି । ଝାରସୁଗୁଡ଼ାରୁ ବାରକୋଟ୍ ପର୍ଯ୍ୟନ୍ତ ନୂଆ ରେଳ ଲାଇନ ତିଆରି କରିବା ପାଇଁ ସର୍ଭେ ଆରମ୍ଭ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଉଲ୍ଲେଖନୀୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ମହା ଅଭିଯାନ ଅଧୀନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା - ଗ୍ରାମୀଣ (ପିଏମଏୱାଇ - ଜି) ର ୧ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ-ଜନମନର ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । ବାରକୋଟ ବ୍ଲକ ଡ଼ଅଁରାରୁ ଜନଜାତି ଲୋକମାନଙ୍କ ସହ କେନ୍ଦ୍ରମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଭିସି ଜରିଆରେ ସାମିଲ ହୋଇଥିଲେ ।

# ଜିଲ୍ଲାରେ ନିର୍ମାଣଧୀନ ଥିବା ଯାଦବ ଭବନ ନିର୍ବାଚନ ପୂର୍ବରୁ ସାରିବାକୁ ନିଷ୍ପତ୍ତି

କେନ୍ଦ୍ରାପଡ଼ା , ୧୬/୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରାଂଚଳରେ ଏବଂ ଗରାପୁର ସ୍ଥିତ ଗରୁଆଳ ଠାରେ ନିର୍ମାଣଧୀନ ଥିବା ଜିଲ୍ଲା ମୁଖ୍ୟ ଯାଦବ ଭବନକୁ ନିର୍ବାଚନ ପୂର୍ବରୁ ସାରିବା ପାଇଁ ଆପ୍ରାଣ ଚେଷ୍ଟା କରାଯାଉ ଥିବା ଜିଲ୍ଲା ଯାଦବ ମହାସଂଘ ସଭାପତି ପ୍ରଭାକର ପଲାଇ ପ୍ରକାଶ କରିଛନ୍ତି । ଜିଲ୍ଲାର ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜନଗର ରେ ନିର୍ମାଣଧୀନ ଥିବା ଭବନ ଗୁଡିକ ବୁଲି ଦେଖିବା ସହ ସ୍ଥାନୀୟ ବ୍ଲକ ଯାଦବ ମହାସଂଘ ର ସଭାପତି ଓ ସଂପାଦକ ମାନଙ୍କ ସହ ଏକ ବୈଠକରେ ସମସ୍ତ କାର୍ଯ୍ୟ ଗୁଡିକୁ ନିର୍ବାଚନ ପୂର୍ବରୁ ସାରିବା ପାଇଁ ସଭାପତି ପରାମର୍ଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ମିଳିଥିବା ଅନୁଦାନ ଗୁଡିକୁ ସୁଚାରୁ ରୂପେ ଖର୍ଚ୍ଚ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ଏହି ବୈଠକରେ ଜିଲ୍ଲାରେ ଜାତିଭିତିକ ଜନ ଗଣନା ହିସାବରେ ବସବାସ କରୁଥିବା ୩ ଲକ୍ଷ ୬୧ ହଜାର ଭୋଟର ମାନଙ୍କର ଭୋଟ୍ ଦାନ ଆଗାମୀ ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ସଂଘ ତରଫରୁ ପ୍ରକାଶ ପାଇଛି । ଜିଲ୍ଲା ସଭାପତି ପ୍ରଭାକର ପଲାଇଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ଅଧିକ ଅନୁଦାନ ଦେବାପାଇଁ ୫ଟି ଅଧକ୍ଷଙ୍କୁ ନିବେଦନ କରାଯିବା ସହ ସଂଗଠନକୁ ଅଧିକରୁ ଅଧିକ ମଜଭୁତ କରିବା ସହିତ ଯାଦବ ମାନଙ୍କର ବଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇ ଥିଲା । ବ୍ଲକ ଓ ପୌରାଂଚଳର ସଭାପତି ଓ ସଂପାଦକ ମାନେ ନିଷ୍ଠାପର ସହ କାର୍ଯ୍ୟକରି ସଂଗଠନକୁ ମଜଭୁତ କରି ଆଗକୁ ନେବାପାଇଁ ଏହି ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ରାଜକନିକା ବ୍ଲକର ସଭାପତି ପଂଚାନନ ଦାସ, ସଂପାଦକ ମନୋଜ କୁମାର ପରିଡା, ଆଳର ଶେଖର ଚନ୍ଦ୍ର ବାରିକ, ଜିଲ୍ଲା ଯୁବ ସଭାପତି ମନୋଜ କୁମାର ଦାସ, ରାଜନଗର ବ୍ଲକର ଅସିତ କୁମାର କବି ଓ ସମସ୍ତ ବ୍ଲକ ଓ ଜିଲ୍ଲା ସ୍ତରୀୟ କର୍ମକର୍ତା ଉପସ୍ଥିତ ଥିଲେ । ଏହି ବୈଠକରେ କାର୍ଯ୍ୟକାରୀ ସଭାପତି ଧିରେନ୍ଦ୍ର ପ୍ରସାଦ ପୃଷ୍ଟି ସହଯୋଗ କରିଥିବା ବେଳେ କୋଷାଧକ୍ଷ ନବ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ସାଇନ୍ସ ସେମିନାର ଅନୁଷ୍ଠିତ

ମାଲକାନଗିରି, ୧୬/୧ (ନି.ପ୍ର): କେନ୍ଦ୍ରୀୟ ବିଦ୍ୟାଳୟ ମାଲକାନଗିରିରେ ସାଇନ୍ସ ସେମିନାର ଆୟୋଜିତ ହୋଇଥିଲା । ଏହି ସେମିନାରରେ ବିଶେଷଜ୍ଞ ରୂପେ ମାଲକାନଗିରି ଆଦର୍ଶ ମହାବିଦ୍ୟାଳୟର ଭୌତିକ ବିଜ୍ଞାନର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ । ଛାତ୍ରଛାତ୍ରୀ ମାନଙ୍କୁ ଆଦିତ୍ୟ ମିଶନର ସଫଳତା ଏବଂ ମକର ସଂକ୍ରାନ୍ତିର ସାଂସ୍କୃତିକ ଓ ବୈଜ୍ଞାନିକ ମହତ୍ୱ ବିଷୟରେ ସଚେତନ କରିବା ଏହି ସମ୍ଭାଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଡଃ. ସାହୁ ପାୱାର ପଏଂଟ ପ୍ରେଜେଂଟେସନରେ ସୌର ମଣ୍ଡଳ, ପୃଥିବୀରେ ଜୀବନ ଧାରଣରେ ସୂର୍ଯ୍ୟଙ୍କ ଭୂମିକା, ଆଦିତ୍ୟ ମିଶନ ର ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟନ୍ତ ଖୁବ ସୁନ୍ଦର ଭାବରେ ପିଲାଙ୍କୁ ବୁଝେଇ ଥିଲେ । ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୌର ମଣ୍ଡଳ ଉପରେ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ ମଧ୍ୟ ହୋଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ରୂପେ ବିଦ୍ୟାଳୟର ଅଧ୍ୟକ୍ଷ ଡଃ. କୈଳାଶ ମୀନା ଯୋଗଦେଇଥିଲେ ଏବଂ ବିଦ୍ୟାଳୟର ଇଂରାଜୀ ଅଧାପକ ଅମିତ ଦାସ କାର୍ଯ୍ୟକ୍ରମ ର ପରିଚାଳନା କରିଥିଲେ ଏବଂ ଗ୍ରନ୍ଥଗାରିକ ଶ୍ରୀ ଅରବିନ୍ଦ କୁମାର ସେଠ୍ ଏଥିରେ ସହଯୋଗ କରିଥିଲେ ।

# ବାଜପୁର ପଂଚାୟତ ପ୍ରିମିୟର ଲିଗ୍ ଉଦ୍ଘାଟିତ

ଖୋର୍ଦ୍ଧା, ୧୬/୧ (ନି.ପ୍ର): ଖୋର୍ଦ୍ଧା ଉପକଣ୍ଠ ବାଜପୁର ପଂଚାୟତର ରାୟରଙ୍ଗ ଖେଳ ପଡିଆରେ "ଏକାଦଶ ପଂଚାୟତ ପ୍ରିମିୟର ଲିଗ୍" କ୍ରିକେଟ୍ ମ୍ୟାଚ୍ ସୋମବାର ଉଦ୍ଘାଟିତ ହୋଇଛି । ବାଜପୁର ଓ ନନ୍ଦପୁର ପଂଚାୟତର କ୍ରୀଡାପ୍ରେମୀ ଯୁବକମାନଙ୍କୁ ନେଇ ୮ଟି ଗ୍ରାମର ୧୬ଟି ଦଳକୁ ନେଇ ୨୦ ଦିନ ଧରି ଉକ୍ତ ଟୁର୍ଣ୍ଣାମେଂଟ ଚାଲିବ । ତେବେ ଟୁର୍ଣ୍ଣାମେଂଟ ପ୍ରଥମ ଦିନରେ ଲସ ଏବଂ ଏକ୍ସିଲେଟ ଏକାଦଶ ଛତ୍ରମା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା ।

ପ୍ରଥମେ ଟସ୍ ଜିତି ନନ୍ଦପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୧୭ରନ୍ ସଂଗ୍ରହ କରିଥିଲା । ତେବେ ଏହାକୁ ପିଛା କରି ଛତ୍ରମା ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୦୨ରନ୍ରେ ସଂଗ୍ରହ କରି ପରାଜିତ ହୋଇଥିଲା । ମ୍ୟାନ ଅଫ୍‌ଦି ମ୍ୟାଚ ଭାବେ ନନ୍ଦପୁର ଦଳର ଲୋକନା ନାଥ ଦଳାଇଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରିମିୟର ଲିଗ୍ର ଅଧକ୍ଷ ତଥା ସ୍ଥାନୀୟ ସରପଂଚ କେଦାରେଶ୍ୱର ପୃଷ୍ଟିଙ୍କ ଅଧକ୍ଷତାରେ ଉକ୍ତ ମ୍ୟାଚକୁ ବିଜେପି ନେତା ଶ୍ରୀ କାଳୁଚରଣ ଖଣ୍ଡେୟତରାୟ ଉଦ୍ଘାଟନ କରି କରିଥିବା ବେଳେ ରାଜ୍ୟ ବିଜେପିର ଅନ୍ୟତମ ନେତା ଶ୍ରୀରଞ୍ଜନ ମଙ୍ଗରାଜ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ । ସ୍ଥାନୀୟ ସମିତି ସଭ୍ୟ ଦ୍ୱାରିକାନାଥ ମହାନ୍ତି, ସତ୍ୟପ୍ରିୟ ରଣା, ଅରଜିତ୍ ସାମନ୍ତରାୟ, ଅଭିଜିତ୍ ରାଉତରାୟ, ସୁନିଲ ସାମନ୍ତରାୟ, ଆଶିଶ୍ ମଙ୍ଗରାଜ, ଦିନେଶ ପଟ୍ଟନାୟକ, ଲଳିତ ବ୍ରହ୍ମ, କୁନା ମଙ୍ଗରାଜ ଓ ପ୍ରଶାନ୍ତ ମଙ୍ଗରାଜଙ୍କ ପ୍ରମୁଖ ସହଯୋଗ କରିଥିବା ବେଳେ । ଖେଳ ପରିଚାଳନାରେ ସନ୍ତୋଷ ପରିଡା ଓ ଲିବୁ ଚମ୍ପତି ଆଜିର ଉଦଘାଟନି ମ୍ୟାଚଟିକୁ ପରିଚାଳନା କରିଥିଲେ ।

# ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଉଦ୍‌ଘାଟିତ ହେଲା ୨୬ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୪

ଭବାନୀପାଟଣା, ୧୬/୧ (ନି.ପ୍ର): କଳାହାଣ୍ଡିର ମହନୀୟ କଳା, ସଂସ୍କୃତି ଓ ପରମ୍ପରା ସାରା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ହାସଲ କରିପାରିଛି । କଳା, କଳାକାର ଓ କଳାପ୍ରେମୀଙ୍କ ଏଇ ମାଟିର ବୀରତ୍ୱର ଗାଥା ବଖାଣ କରେ ଘୁମୁରା, ବନାବାଡି । ଠିକ୍ ସେହିପରି ଶତ ଶୃଙ୍ଗାରର ରସ ବହନ କରୁଥିବା ବଜାଶାଲ ଏ ମାଟିର ଗୁରୁତ୍ୱକୁ ଆହୁରି ବଢାଇ ଦେଇଥାଏ । ଅବର୍ଣ୍ଣନୀୟ କଳାର ସମ୍ଭାର ଏ ମାଟିର ଅପୂର୍ବ ମହୋତ୍ସବ ହେଉଛି କଳାହାଣ୍ଡି ଉତ୍ସବ ଘୁମୁରା । ଏହି ମହାନ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ଏଇ ଲୋକ ମହାପର୍ବ କେବଳ ପାଳିତ ହେଉନାହିଁ ନୂଆ ନୂଆ ଇତିହାସ ଲେଖୁଛି ବୋଲି ୨୬ତମ କଳାହାଣ୍ଡି ଉତ୍ସବର ଉଦଘାଟନୀ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ମଶାଲ ଅଣାଯାଇ ଉତ୍ସବ ସ୍ଥଳରେ ସ୍ଥାପନ ପରେପରେ ରବିବାର ବିଧିବଦ୍ଧ ଭାବେ କଳାହାଣ୍ଡି ଉତ୍ସବର ମହାପର୍ବ ଉଦଘାଟିତ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ କଳାହାଣ୍ଡି ଲୋକସଭା ସାଂସଦ ବସନ୍ତ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଜୁନାଗଡ ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ, ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜୀ, ପୌରପାଳିକା, ଭବାନୀପାଟଣା ଅଧକ୍ଷା ସଂଯୁକ୍ତା ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର, ଅତିରିକ୍ତ ଜିଲ୍ଲାପାଳ ତ୍ରିଲୋଚନ ପାତ୍ର ଓ ତନ୍ମୟ ଦରୱାନ, ଭବାନୀପାଟଣା ଉପଜିଲ୍ଲାପାଳ ଡ. ବିଶ୍ୱଜିତ ଦାସ, ଭବାନୀପାଟଣା ପୌରାଧକ୍ଷା ସଂଯୁକ୍ତା ବେହେରା, ସଦର ବିଧାୟକଙ୍କ ପ୍ରତିନିଧି ମନୋଜ ସାହୁ ପ୍ରମୁଖ ମଂଚାସୀନ ଥିଲେ । କଳାହାଣ୍ଡି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଉଦ୍ଘାଟନୀ ଉତ୍ସବରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ କଳାହାଣ୍ଡି ଲେଖକ କଳା ପରିଷଦ ତରଫରୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ମଂଚରେ ଘୁମୁରା ଗୁରୁ ଦେବୀ ପ୍ରସାଦ ଦାସ, ଚନ୍ଦ୍ରମଣି ମାଝୀ, ଧର୍ମରାଜ ହଂସ, ସତ୍ୟ ନାୟକ, କୁମ୍ଭକାର ରବି ରଣା ପୁରସ୍କୃତ ହୋଇଥିଲେ । ମୋଟରର ଚମ୍ପେଶ୍ୱର୍ ଘୁମୁରା ଦଳ ପ୍ରଥମ, ରଜାମୁଣ୍ଡା ଘୁମୁରା ଦଳ ଦ୍ୱିତୀୟ ଓ କାରୁଣ କଳା କେନ୍ଦ୍ର ତୃତୀୟ ପୁରସ୍କାର ପାଇଥିଲେ । କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୪ର ସ୍ମରଣିକା 'କଳାଝରଣ ' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ହୋଇଥିଲା । କବି ସମ୍ମିଳନୀର କବିତା ପୁସ୍ତକ 'ନିଶାନ'ର ମଧ୍ୟ ଉନ୍ମୋଚନ ହୋଇଥିଲା । ଅନୁଷ୍ଠିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ଘୁମୁରା, ଭବାନୀପାଟଣା ସକ୍ଷମ କଳା ଏକାଡେମୀ ଦ୍ୱାରା ଓଡିଶୀ ନୃତ୍ୟ, କେସିଙ୍ଗା ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ଜୟପାଟଣା ରିଦମ୍ ସ୍କିଲ ଏକାଡେମୀ, ରାୟଗଡା ଜିଲ୍ଲା ସଂସ୍କୃତି ପରିଷଦ, ମାଲକାନଗିରି ଜିଲ୍ଲା ସଂସ୍କୃତି ପରିଷଦ, ସିଟିଏମ୍ଏସ୍ ଦ୍ୱାରା ଘୋଡା ନାଚ, ଝାଡଖଣ୍ଡର ମନ୍ଦାରୀ ନୃତ୍ୟ, ହାବସପୁରର ବନାବାଡି, ବଲାଙ୍ଗୀର କୋଶଲ ଫୋକ୍ ଏକାଡେମୀ, କଟକ ସିଂଘମ ଡ୍ୟାନ୍ସ ଏକାଡେମୀ ଦ୍ୱାରା ମୟୁରୀ ନୃତ୍ୟ, ନଟରାଜ ଡ୍ୟାନ୍ସ ଏକାଡେମୀ, ବେଦାନ୍ତ ଆଲୁମିନା ଲିମିଟେଡ୍ ଦ୍ୱାରା ଭାରତନାଟ୍ୟମ, ଛତିଶଗଡର ଗଣ୍ଡୱାନା ନୃତ୍ୟ, ପୁରୁଲିଆର ଛଉ ନୃତ୍ୟ, ସୁହାଗପୁରର ବଜାଶାଲ୍ ପରିବେଷିତ ହୋଇଥିଲା । ପାରବା ମଂଚରେ ଘୁମୁରା, ଚକାଡୋଳା ଡ୍ୟାନ୍ସ ଗ୍ରୁପ, ବିଜୟ ଡ୍ୟାନ୍ସ ଗ୍ରୁପ, ଟୁନୀ ଡ୍ୟାନ୍ସ ଗ୍ରୁପ, ଡିପିଏସ୍ ସ୍କୁଲ, ସକ୍ଷମ ଏକାଡେମୀ, ମନସୁନୀ ଅନମୋଲ ଗ୍ରୁପ, ଡିଆର୍ ଡ୍ୟାନ୍ସ ଗ୍ରୁପ, ସୋନାଲୀ ଡ୍ୟାନ୍ସ ଗ୍ରୁପ, ଡିଜେ ଡ୍ୟାନ୍ସ ସ୍କୁଲ, ଏସକେ ଡ୍ୟାନ୍ସ ଗ୍ରୁପ, କ୍ରିଏଟିଭ କଲଚରାଲ ଏକାଡେମୀ, ମାଆ ମଙ୍ଗଳା, ଶ୍ରୀ ଡ୍ୟାନ୍ସ ଗ୍ରୁପ, ପ୍ରଗତି କନସେପ୍ଟ ସ୍କୁଲ, ସନ୍ୟାସୀ କୁଣ୍ଡାମାଳର ମାଦଳି, ମାଆ ତାରିଣୀ ସଂକୀର୍ତ୍ତନ, ବଉଦର ମୟୁରୀ ଡ୍ୟାନ୍ସ ଗ୍ରୁପ୍ ଆଦିଙ୍କ ଦ୍ୱାରା ଆକର୍ଷଣୀୟ ନୃତ୍ୟ ପରିବେଷଣ କରାଯାଇଥିଲା । ସହିଦ ରେଣ୍ଡୋ ମାଝୀ ମଂଚରେ ଶୁଭେନ୍ଦୁ ମହାପାତ୍ର, ମନୋଜ ଶର୍ମା, ସତ୍ୟ ନାରାୟଣ ମୁଣ୍ଡଛିନା, ବିରଂଚି ନାରାୟଣ ମୁଣ୍ଡ, ନିହାରୀକା ନାୟକ, ନମିତା ମିଶ୍ର ଓ ପାରବା ମଂଚରେ ସୁଶୀଲ ଗହୀର, ସୁଧୀର ନାଏକ, ଆଶୁତୋଷ ପାତ୍ର, ସୌରଭ ମହାପାତ୍ର, ଧନଞ୍ଜୟ ପଣ୍ଡା, ଲିପ୍ସା ମହାରଣା, ପ୍ରଜ୍ଞା ପାରମିତା ନାୟକ ପ୍ରମୁଖ ମଂଚ ସଂଚାଳନ କରିଥିଲେ । ଏହାପରେ ପରେ କଳାହାଣ୍ଡିର ମାଟିର ପ୍ରସିଦ୍ଧ ଲୋକଗାୟକ ସର୍ବେଶ୍ୱର ଭୋଇଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଲକ୍ଷାଧିକ ଦର୍ଶକ ଉପଭୋଗ କରିଥିଲେ । ସେହିପରି ଆଜିର ଉତ୍ସବ ଅବସରରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ଷ୍ଟଲ, ଇଭିଏମ ସଚେତନତା ଷ୍ଟଲ, ସଡ଼କ ସୁରକ୍ଷା ସଚେତନତା ଷ୍ଟଲ, ଖାଦ୍ୟ ଷ୍ଟଲ, ପଲ୍ଲୀଶ୍ରୀ ମେଳା, ଶିଳ୍ପ ମେଳା ଉଦଘାଟିତ ହୋଇଥିବାବେଳେ ଷ୍ଟଲଗୁଡିକରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ବିଭିନ୍ନ ସବକମିଟିର ଅଧକ୍ଷ ଓ ସଭ୍ୟ, କଳାହାଣ୍ଡି ପୁଲିସ, ଅଗ୍ନିଶମ ବାହିନୀ, ଏନସିସି କ୍ୟାଡେଟମାନେ ଶାନ୍ତିଶୃଙ୍ଖଳା ରକ୍ଷା ଦାୟିତ୍ୱରେ ନିୟୋଜିତ ଥିଲେ ।

# କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା , ୧୬/୧ (ନି.ପ୍ର): କେନ୍ଦ୍ରାପଡାର ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶନ ସଂଗଠନର ଅଷ୍ଟାଦଶ ବାର୍ଷି ବନ୍ଧୁମିଳନ ଓ ପ୍ରତିଭା ସମ୍ମାନ ପ୍ରଦାନ ଉତ୍ସବ ଗରାପୁର ସ୍ଥିତ ଏମ୍‌ପାୱାର ପବ୍ଲିକ ସ୍କୁଲ ପରିସରରେ ସଂଗଠନ ସଭାପତି ବରିଷ୍ଠ ଶିକ୍ଷାବିତ୍ ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଉପେନ୍ଦ୍ର କୁମାର କରଙ୍କ ଦ୍ୱାରା ଦେବପୂଜନ ଓ ବେଦ ପାରାୟଣ ସମ୍ପାଦନ ପରେ ମୁଖ୍ୟ ଅତିଥି ଗଣଶିକ୍ଷା ବିଭାଗ ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ ସହ ଉତ୍ସବର ଉଦ୍‌ଘାଟନ କରିଥିଲେ । ଉପଦେଷ୍ଟା ସଭ୍ୟ ହେମନ୍ତ କୁମାର ଜେନା ସ୍ୱାଗତ ଜଣାଇବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ନରୋ ମ ଜେନା ବାର୍ଷିକ ବିବରଣୀ ସହ ସଭା ସଂଯୋଜନା କରିଥିଲେ । ଓଡିଶା ପ୍ରାଥମିକ ଶିକ୍ଷା ପୂର୍ବତନ ଯୁଗ୍ମ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାଥ ପରିଡା, ଭଦ୍ରକ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧକ୍ଷ ଶଶାଙ୍କ ଶେଖର ସାହୁ, ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଜେନା, ମୁଖ୍ୟ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷାବିତ୍ ମନ୍ମଥ କୁମାର ରାୟ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ବିଶିଷ୍ଟ ଶିକ୍ଷା ସାଧକ ଡ. ପୂର୍ଣ୍ଣଚନ୍ଦ୍ର ବ୍ରହ୍ମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷାନୀତି ଓ ସଂସ୍କାର ଧର୍ମୀ ପ୍ରଶିକ୍ଷଣ ଉପରେ ଆଲୋକପାତ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା, ପ୍ରାକ୍ତନ ଶିକ୍ଷା ଜିଲ୍ଲା ଅଧିକାରୀ ପୂର୍ଣ୍ଣାନନ୍ଦ ବିଶ୍ୱାଳ, ଆଦର୍ଶ ଶିକ୍ଷକ ଧରଣୀଧର ବେହେରା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୂଳମଣୀ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିବା ସହ ସମ୍ମାନୀତ କରାଯାଇଥିଲା ।

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଗବେଷଣା: କୋରାପୁଟର ପାରମ୍ପରିକ ସୁଆଁପ୍ରଜାତି ଅଧିକ ପୃଷ୍ଟିକର

ଜୟପୁର, ୧୬/୧ (ନି.ପ୍ର): କୋରାପୁଟର ଜନଜାତିମାନେ ଚାଷକରୁଥିବା ପାରମ୍ପରିକ ସୁଆଁ ମଧ୍ୟରୁ ଅଧିକ ପୃଷ୍ଟିକର ସୁଆଁ ପ୍ରଜାତି ଚିହ୍ନଟ କରିଛନ୍ତି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳ ବିଭାଗର ଗବେଷକ ସହାୟକ ପ୍ରଫେସର ଡ଼.ଦେବବ୍ରତ ପଣ୍ଡା । ସେ ତାଙ୍କ ସହଯୋଗୀଙ୍କ ସହ ମିଶି କୋରାପୁଟର ବିଭିନ୍ନ ଦେଶୀ ସୁଆଁର ଗୁଣାତ୍ମକ ମାନ ଉପରେ ଗବେଷଣା କରି ଏହି ତଥ୍ୟ ଦର୍ଶାଇଛନ୍ତି । ଉକ୍ତ ଗବେଷଣାରୁ ଜଣାପଡିଛି ଯେ ତିନି ପ୍ରକାର ପାରମ୍ପରିକ ସୁଆଁ ଯଥା - ମାମି ସୁଆଁ , କଳା ସୁଆଁ ଏବଂ ବଡ଼ ସୁଆଁ ଅନ୍ୟ ସୁଆଁ ପ୍ରଜାତି ଠାରୁ ଅଧିକ ପରିମାଣରେ ପୋଷାକତତ୍ତ୍ୱ ଭରି ରହିଛି ଯାହାକି ଏହି ଦେଶୀ ସୁଆଁରେ ଅଧିକ ପ୍ରୋଟିନ, ଫାଇବର, ଭିଟାମିନ, ଏଣ୍ଟିଅକ୍ସଇଡେଣ୍ଟ, ମିନେରାଲସ ରହିଛି । ଏହାର ଗୁଣାତ୍ମକ ମାନ ହାଇବ୍ରିଡ ଭେରାଇଟ ଓ ଲମ-୨୦୮୦ଠାରୁ ଅଧିକ । ପୂର୍ବତଟ ମାଳଭୂମିର କୋରାପୁଟରେ ଆଦିମ ଜନଜାତିମାନେ ଚାଷ କରୁଥିବା ୧୪ ପ୍ରକାରର ଦେଶୀ ସୁଆଁ ର ଗୁଣାତ୍ମକ ମାନର ଗବେଷଣାକୁ ଅନ୍ତର୍ଜାତୀୟ ଜର୍ଣ୍ଣାଲ ପ୍ଲାଣ୍ଟରେ ଗତ ଜାନୁଆରୀ ୧୩ ତାରିଖରେ ତାଙ୍କ ଛାତ୍ରୀ ପ୍ରମିଳା ମୁନି, ଅଲୌକିକା ପଣ୍ଡା ଓ ସ୍ୱମୀନାଥନ ଫାଉଣ୍ଡସନ ର ବୈଜ୍ଞାନିକ ଡ଼ କାର୍ତିକ ଲେଙ୍କା ଓ ପ୍ରଶାନ୍ତ ପରିଡାଙ୍କ ସହ ମିଶି ପ୍ରକାଶ କରିଛନ୍ତି । ଏହି ସଫଳ ଗବେଷଣା ପାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରର ମାନ୍ୟବର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଓ ଜୈବ ବିବିଧତା ଓ ପ୍ରାକୃତିକ ସମ୍ବଳ ସଂରକ୍ଷଣ ବିଭାଗର ମୁଖ୍ୟ ପ୍ରଫେସର ଶରତ କୁମାର ପଲୀତା ଉଚ୍ଚ ପ୍ରଶଂସା କରିଛନ୍ତି ଓ ଆଗାମୀ ଦିନରେ ଅଧିକ ମିଲେଟ ଗବେଷଣା କରିବା ପାଇଁ ପ୍ରୋତାହିଁତ କରିଛନ୍ତି । ଏହି ଦେଶୀ ସୁଆଁର ଗୁଣସୂତ୍ରକୁ ପରୀକ୍ଷା କରି ଆଗାମୀ ଦିନରେ ନୂତନ ଗୁଣାତ୍ମକ ସୁଆଁ ତିଆରି କରାଯାଇ ପାରିବ ବୋଲି କହିଛନ୍ତି ଡ଼. ପଣ୍ଡା । ଏହି ବିରଳ ସୁଆଁକୁ ପ୍ରଚାର ,ପ୍ରସାର ଓ ସଂରକ୍ଷଣ କରାଗଲେ ଏହା ଖାଦ୍ୟ ଓ ପୁଷ୍ଟିକର ସୁରକ୍ଷା ଦେବା ସହିତ ଆଦିବାସୀଙ୍କର ଆର୍ଥିକ ଉନ୍ନତି ସହିତ ଏହା କୋରାପୁଟକୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିବ ବୋଲି ଅଶା ବ୍ୟକ୍ତ କରିଛନ୍ତି ।

# ଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ପବିତ୍ର ମକର ମିଳନ ଓ ବ୍ୟାସକବି ଜୟନ୍ତି ପାଳିତ

କନ୍ଧମାଳ, ୧୬/୧ (ନି.ପ୍ର): ଅବିଭକ୍ତ ଫୁଲବାଣୀ ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ତରଫରୁ ପବିତ୍ର ମକର ସଂକ୍ରାନ୍ତି ଅବସରରେ ସ୍ଥାନୀୟ ନେତାଜୀ କ୍ଲବ ଠାରେ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧକ୍ଷତାରେ ମକର ମିଳନ, ବ୍ୟାସ କବି ଫକୀର ମୋହନଙ୍କ ସମ୍ପର୍କିତ ଆଲୋଚନା ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି । ବ୍ୟାସ କବିଙ୍କ ଜୀବନ ବ୍ୟାପି ସାହିତ୍ୟ ସାଧନା ଓ ଉପନ୍ୟାସ ସାହିତ୍ୟ ଉପରେ ପ୍ରଣତି ତ୍ରିପାଠୀ, କଳ୍ପନା ପାତ୍ର ଓ ଶ୍ରୀମତୀ ସୁନିତୀ ଆଚାରୀ ଆଲୋଚନା କରିଥିବା ବେଳେ କାଳଜୟୀ ଉପନ୍ୟାସ ଛମାଣ ଆଠ ଗୁଣ୍ଠ ଓ ମାମୁ ଉପରେ ମୁଖ୍ୟ ସମ୍ପାଦକ ଡକ୍ଟର କାହ୍ନୁ ଚରଣ ଶତପଥୀ ଆଲୋକପାତ କରିଥିଲେ । କବି ପ୍ରଦୀପ କହଁର, ବୈଜୟନ୍ତୀ ମାଳା ମାହାପାତ୍ର, ମୁସ୍କାନ ସୁଆର ଓ ରୂପମ୍ୱୀକା ତ୍ରିପାଠୀ ନିଜସ୍ୱ କବିତା ଆବୃତି କରିଥିବା ବେଳେ ସଭାପତି ପ୍ରଶାନ୍ତ ବେହେରାଙ୍କ ମକର କବିତା ହୃଦୟ ସ୍ପର୍ଶୀ ହୋଇଥିଲା । ଉପସ୍ଥିତ ବହୁ କବି କବୟତ୍ରୀ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ଆଗାମୀ ଫେବୃୟାରୀ ୧୨ ରୁ ୨୩ ତାରିଖ ପର୍ଯ୍ୟନ୍ତ ଜିଲ୍ଲା କ୍ରୀଡା ସଂସଦ ପଡିଆ ଠାରେ ଅନୁଷ୍ଠିତ ହେବାକୁ ଥିବା ଚତୁର୍ଦ୍ଦଶ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ସମ୍ପର୍କରେ ଆଲୋକପାତ କରାଯାଇ ଚଳିତ ବର୍ଷ ପୁସ୍ତକ ମେଳାରେ ୧୩୦ ଟି ଷ୍ଟଲ କରାଯିବା ସହ ଶିଶୁ କ୍ରୀଡା ସାମଗ୍ରୀ ଓ ମିନାବଜାରର ଆୟୋଜନ କରାଯିବା ସହ ଆଗାମୀ ୧୮.୨.୨୪ ତାରିଖ ଅପରାହ୍ନରେ ରାଜ୍ୟ ସ୍ତରୀୟ କବି ସମ୍ମିଳନୀ ସମେତ ସାରସ୍ୱତ ସମାବେଶର କିଭଳି ସରସ ସୁନ୍ଦର ହୋଇପାରିବ ସେଥିପାଇଁ ସ୍ୱତନ୍ତ୍ର କମିଟି ଗଠନ କରାଯାଇଥିଲା । ପୁସ୍ତକ ମେଳା ଅବସରରେ କନ୍ଧମାଳ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବହୁ କୃତବିଦ୍ୟ ବ୍ୟକ୍ତିତ୍ୱ ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଗତ ବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରାଯିବ । ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷମାନେ ଆଗାମୀ ୨୫.୧.୨୪ ମଧ୍ୟରେ ସମ୍ବର୍ଦ୍ଧନା ପାଇଁ ଆବେଦନ କରିପାରିବେ । ପୁସ୍ତକ ମେଳା ପାଇଁ ବିଭିନ୍ନ ଲିଖିତ ପ୍ରତିଯୋଗିତା ସହ ମଂଚ ପ୍ରତିଯୋଗିତାର ଆୟୋଜନ କରାଯିବା ସହ ମେଳା ନିମିତ ୫ଟି ବିଭିନ୍ନ ସ୍ୱତନ୍ତ୍ର କମିଟି ଗଠନ କରାଯାଇଛି । ମେଳାରେ ଯୋଗଦେବା ପାଇଁ ଆଗ୍ରହୀ ପୁସ୍ତକ ଓ ବାଣିଜ୍ୟିକ ବିପଣୀ ପାଇଁ ମେଳାର ଷ୍ଟଲ କମିଟି ସହ ଯୋଗାଯୋଗ କରିବାକୁ ସଭାପତି ଅନୁରୋଧ କରିଛନ୍ତି ।

# ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘ ପକ୍ଷରୁ ଫୁଲବାଣୀରେ ୭୬ ତମ ସେନା ଦିବସ ପାଳିତ

କନ୍ଧମାଳ, ୧୬/୧ (ନି.ପ୍ର): ଫୁଲବାଣୀ ସ୍ଥିତ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ, ଠାରେ ୭୬ ତମ ସେନା ଦିବସ ପାଳିତ ହୋଇଯାଇଛି । ଏହା ପ୍ରତି ବର୍ଷ ଜାନୁୟାରୀ ୧୫ ତାରିଖରେ ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ଣ୍ଣେଲ ଶିଶିର କୁମାର ଘୋଷ ସମଗ୍ର ବିଶ୍ୱରେ ଭାରତୀୟ ସେନା କ୍ଷେତ୍ରରେ ଚତୁର୍ଥ ସ୍ଥାନ ହାସଲ କରିଛି । ଆମେରିକା, ଚାଇନା ରୁଷିଆ ପରେ ଭାରତ ରହିଛି ବୋଲି କହିଥିଲେ । ଭାରତୀୟ ସେବା ପାଇଁ ଏହି ପର୍ବ ଦେଶର ନାଗରିକଙ୍କ ମଧ୍ୟରେ ଦେଶ ପାଇଁ ଗର୍ବ ଏବଂ ନିରାପତ୍ତା ଭାବନା ଜାଗ୍ରତ କରେ ଏବଂ ସେମାନଙ୍କୁ ଭାରତୀୟ ସେବା ପ୍ରତି ଅଦମ୍ୟ ପ୍ରତିବଦ୍ଧତା ମନେ ପକାଇଥାଏ ବୋଲି ମଂଚାସୀନ ଅତିଥିବୃନ୍ଦ କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଉପ ସଭାପତି ଏନ ପ୍ରେମ ଚୌଧୁରୀ, ସମ୍ପାଦକ ହଳ ପାଣି ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥି ସହିତ ସହିଦ ପରିବାରଙ୍କୁ ସମ୍ମାନିତ କରାଯାଇଥିଲା । ପରେ ପରେ ନଟରାଜ କଳା ମନ୍ଦିର ପକ୍ଷରୁ ଦେଶାତ୍ମକ ସଂଗୀତ ନୃତ୍ୟ ପରିବେଷଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ମୁକ୍ତିକାନ୍ତ ମହାନ୍ତି, ଅଶୋକ କୁମାର ମେକାପ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଟି. ଶିବ ଶଙ୍କର ପାତ୍ର ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ନୂଆ ଓ ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ ପର୍ବ-୨୦୨୪




ଭଦ୍ରକ, ୧୬/୧ (ନି.ପ୍ର): ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ଡ଼ିଗ୍ରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଘାଟନ ପର୍ବ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭଦ୍ରକ ଜିଲ୍ଲାର ଓଡ଼ିଆ ଭାଷା ସାହିତ୍ୟର ଉପାଧକ୍ଷ ତଥା ଫେଲୋସିପ୍ ସଭାପତି ସେକ୍ ମହମ୍ମଦ୍ ଫାରୁକ୍ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ଏବଂ ମୁଖ୍ୟ ବକ୍ତା ଭାବେ ଚରମ୍ପା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡ଼ଃ ପ୍ରଭାତ ନଳିନୀ ମହାପାତ୍ର ଯୋଗଦେଇ ଓଡ଼ିଆ ଭାଷାର ମହତ୍ତ୍ୱ ଓ ଓଡ଼ିଆ ଭାଷା ସାହିତ୍ୟର ପରିପ୍ରଚାର ଓ ଜଗନ୍ନାଥ ଚେତନାରେ ଓଡ଼ିଆ ଭାଷାର ଭିତ୍ତିଭୂମି ଉପରେ ଆଲୋକପାତ କରିଥିଲେ । ସଭା ପ୍ରାରମ୍ଭରେ ଆଦିକନ୍ଦ ପଣ୍ଡା ବେଦପାଠ କରିଥିବା ବେଳେ ଛାତ୍ରଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ । ଅକ୍ଷୟ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କବିତା ପାଠ ଓ ଓଡ଼ିଆ ଭଜନ ଗାନ କରିଥିଲେ । ଉକ୍ତ ସଭାରେ ଶ୍ରୀମତୀ ମଞ୍ଜୁଲତା ମହାପାତ୍ର, ରଘୁନାଥ ନାୟକ , ଗୌରାଙ୍ଗ ଦାସ ପ୍ରମୁଖ ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ ।

# ମକର ମଣ୍ଡା -୨୦୨୪ ଲୋକାର୍ପିତ




ବାରିପଦା, ୧୬/୧ (ନି.ପ୍ର): ପବିତ୍ର ମକର ସଂକ୍ରାନ୍ତି ଶୁଭାବସର ତା:୧୫.୦୧.୨୦୨୪ ଅପରାହ୍ଣ ସାରସକଣା ନନ୍ଦିଘୋଷ ସାହିତ୍ୟ ସମାଜ ଆନୁକୂଲ୍ୟରେ ସ୍ଥାନୀୟ ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ର କଲ୍ୟାଣ ମଣ୍ଡପରେ ମକର ମିଳନ ଉତ୍ସବ ଏବଂ ଫକୀର ମୋହନ ଜୟନ୍ତୀ ଆନନ୍ଦ ଉଲ୍ଲାସ ମଧରେ ପାଳନ ହୋଇଯାଇଛି । ପ୍ରାରମ୍ଭରେ 'ମକର ମଣ୍ଡା' ପରିବାରର ଦିବଂଗତ ସଦସ୍ୟ ସ୍ୱର୍ଗତ ବିଭୂତି ଭୂଷିତ ସାହୁଙ୍କ ଆତ୍ମାର ସଦଗତି ନିମନ୍ତେ ମିନିଟିଏ ନୀରବ ପ୍ରାର୍ଥନା କରାଯାଇଥିଲା । ସମାରୋହରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ବିଶିଷ୍ଟ ସାହିତ୍ୟିକ ଇଂ ମନୋଜ କୁମାର ଦଳବେହେରା , ଜିଲ୍ଲାର ସ୍ୱନାମଧନ୍ୟ କବି ପ୍ରିୟନାଥ ପାଣି ଓ ଜିଲ୍ଲା ଉପର ଭାଗ ଅଞ୍ଚଳର ଯୁବ ସାହିତ୍ୟ ପ୍ରତିଭା ଶିଉଲାଲ ମହାନ୍ତ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରମ୍ପରା ପାଳନର ଆଭିମୁଖ୍ୟ ଏବଂ ଅଧୁନା ଦେଶର ଉତ୍ତର ପୀଢ଼ିଙ୍କୁ ପୁସ୍ତକ ପଠନମୁଖୀ କରିବା ତଥା ତାଙ୍କଠାରେ ମାତୃଭାଷା ପ୍ରୀତି ଉଜାଗର ପାଇଁ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ । ଉତ୍ସବରେ ପୌରୋହିତ୍ୟ କରିଥିଲେ ନନ୍ଦିଘୋଷ ସାହିତ୍ୟ ସମାଜର ସଭାପତି ଡ଼.ଉପେନ୍ଦ୍ର ନାଥ ସାହୁ । ସମାରୋହରେ ଅନୁଷ୍ଠାନର ବାର୍ଷିକ ସାହିତ୍ୟ ପତ୍ରିକା 'ମକର ମଣ୍ଡା'ର ତିରିଶତମ ବର୍ଷସଂଖ୍ୟା 'ମକର ମଣ୍ଡା - ୨୦୨୪'ଲୋକାର୍ପଣ ହୋଇଥିଲା । ପତ୍ରିକାର ମୁଖ୍ୟ ସଂପାଦକ ପଦ୍ମନାଭ ସାହୁ ପତ୍ରିକାର ସଂକ୍ଷିପ୍ତ ସମୀକ୍ଷା ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରାବନ୍ଧିକ ଓ ଶିକ୍ଷାବିତ୍ ବରିଷ୍ଠ ପ୍ରାଧାପକ ଡ଼ ମୋହିତ କୁମାର ଷଡଙ୍ଗୀଙ୍କୁ ଚଳିତ ବର୍ଷପାଇଁ ଅରୁନ୍ଧତୀ କାବ୍ୟର ସ୍ରଷ୍ଟା ପରମାନନ୍ଦ ସାହୁ ସ୍ମୃତି ନିବେଦିତ ମର୍ଯ୍ୟାଦାଜନକ 'ମକର ମଣ୍ଡା ସାରସ୍ୱତ ସମ୍ମାନ-୨୦୨୪' ପ୍ରଦାନ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରରେ ଉଲ୍ଲେଖନୀୟ ଯୋଗଦାନ ନିମନ୍ତେ ମକର ମଣ୍ଡା ପରିବାର ଏବଂ ସାରସକଣା ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି ମିଳନ ସଭାରେ ପ୍ରସନ୍ନ କୁମାର ସାହୁ ଓ ଲକ୍ଷୀମଣି ସାହୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମାନପତ୍ର ପାଠ କରିଥିଲେ ଭାସ୍ୱତୀ ପଣ୍ଡା । ବାର୍ଷିକ ବିବରଣୀ ଦେଇଥିଲେ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ସାହୁ । ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ ଗଣେଶ୍ୱର ସଂଗୀତ ବିଦ୍ୟାଳୟର କଳାକାର ସଞ୍ଜୟ, ମୃତ୍ୟୁଞ୍ଜୟ ଭୋଳ, ସତ୍ୟଦୀପ ଓ ସତ୍ୟସୁନ୍ଦର । ଅଜିତ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ ବିଚିତ୍ରା ପ୍ରସ୍ତୁତ କରିଥିଲେ ପ୍ରଜ୍ଞା , ଏଲିନା , ହରପ୍ରିୟା, ଦିବ୍ୟାଶା ଓ ଆଦ୍ୟାଶା । ମିଳନ ସମାରୋହ ସଫଳ ରୂପାୟନରେ ସହଯୋଗ କରିଥିଲେ ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଚନ୍ଦ୍ର ଦାସ, ସୁରଥ କୁମାର ସାହୁ, ରବୀନ୍ଦ୍ର ନାଥ ଭୋଳ, ରଙ୍ଗବଲ୍ଲଭ ସାହୁ, ଦୁର୍ଗା ପ୍ରସାଦ ନନ୍ଦୀ, ବାସୁଦେବ ସାହୁ, ସୁଶାନ୍ତ ପ୍ରତିହାରୀ, ମନୋଜ କୁମାର ସାହୁ, ପ୍ରଦୀପ ପାଲିତ, ହିମାଂଶୁ ଶେଖର ସାହୁ ଓ ବିଭୁତି ଭୂଷଣ ପ୍ରତିହାରୀ ପ୍ରମୁଖ । ଧନ୍ୟବାଦ ଜ୍ଞାପନ କରିଥିଲେ ପତ୍ରିକାର ସହସମ୍ପାଦିକା ସୁଶ୍ରୀ ଅଞ୍ଜଳି ଦାସ ।

## କତାରରେ ଫସିଛନ୍ତି ୪ ଓଡିଆ : ଉଦ୍ଧାର ପାଇଁ ବୈଜୟନ୍ତ ପଣ୍ଡାଙ୍କ ଚିଠି

ଭୁବନେଶ୍ୱର, ୧୬/୧ (ନି.ପ୍ର): ବରିଷ୍ଠ ବିଜେପି ନେତା ତଥା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କତାରରେ ଫସିଥିବା ୪ ଓଡିଆ ଯୁବକଙ୍କୁ ଉଦ୍ଧାର କରି ଭାରତ ଫେରାଇ ଆଣିବା ପାଇଁ ଭାରତୀୟ ରାଷ୍ଟ୍ରଦୂତଙ୍କୁ ହସ୍ତକ୍ଷେପ କରିବାକୁ ଏକ ଚିଠି ଲେଖି ନିବେଦନ କରିଛନ୍ତି ।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଥାନା ଅନ୍ତର୍ଗତ ଖନ୍ଦମରା ଗ୍ରାମର ଶ୍ରଧାନନ୍ଦ ଭୂୟାଁ, ପିତା- ବୈଦ୍ୟନାଥ ଭୂୟାଁ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅରଡପଲ୍ଲୀ ଗ୍ରାମର ନୀଳରତ୍ନ ସ୍ୱାଇଁ, ପିତା- ଶତ୍ରୁଘ୍ନ ସ୍ୱାଇଁ, ମହାକାଳପଡା ଥାନା ଅନ୍ତର୍ଗତ ଚକଡା ଗୋଗୁଆ ଗ୍ରାମର ଦୀପକ ନାୟକ, ପିତା- ଦିନବନ୍ଧୁ ନାୟକ ଏବଂ ରତାପଙ୍ଗା ଗ୍ରାମର ଜଗନ୍ନାଥ ଭୂୟାଁ, ପିତା- ହୃଶିହେଷ ଭୂୟାଁ ଅଧିକ ରୋଜଗାର ଆଶାରେ ଏକ ଏଜେଣ୍ଟଙ୍କ ଜରିଆରେ ଅକ୍ଟୋବର ୨୦୨୧ରେ କତାର ଯାଇଥିଲେ । ସେଠାରେ ସେମାନଙ୍କ ଚୁକ୍ତି ସରିବାର ନିୟମ ଅନୁସାରେ ୩ମାସ ପୂର୍ବରୁ ଅଗଷ୍ଟ ୨୦୨୩ରେ ଇସ୍ତଫା ଦେଇଥିଲେ, କିନ୍ତୁ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କ ଇସ୍ତଫା ଗ୍ରହଣ ନକରି ମିଥ୍ୟା ମାମଲାରେ ଜେଲରେ ପୁରାଇବା ଧମକ ଦେଉଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ଏପରିକି ସେମାନଙ୍କ ବକେୟା ପ୍ରାପ୍ୟ ମଧ ଦେଉନାହାଁନ୍ତି ।

ଉପାୟଶୂନ୍ୟ ହୋଇ ପରିବାର ଲୋକ ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ଶ୍ରୀ ପଣ୍ଡାଙ୍କ ହସ୍ତକ୍ଷେପ ଲୋଡିଥିଲେ । ଅନୁରୋଧକ୍ରମେ ଶ୍ରୀ ପଣ୍ଡା ଭାରତୀୟ ରାଷ୍ଟ୍ରଦୂତଙ୍କ ସହ ଯୋଗାଯୋଗ କରି ଏ ବିଷୟରେ ଅବଗତ କରିବା ସହ ତୁରନ୍ତ ଏ ଦିଗରେ ପଦକ୍ଷେପ ନେଇ ସମସ୍ତଙ୍କୁ ସୁରକ୍ଷିତ ଭାରତ ଫେରାଇ ଆଣିବା ସଙ୍ଗେ ସଙ୍ଗେ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଲୋକାର୍ପଣ ପୂର୍ବରୁ ....

ଚାଉଳ ସଂଗ୍ରହ ନେଇ ପରିଚାଳନା କମିଟି କହିନାହିଁ । ଏସବୁ କଥା ସରକାରଙ୍କ ସ୍ତରରେ ହେଉଛି । ଆମେ ଏ ବିଷୟରେ କୌଣସି ମତ ଦେଇନାହୁଁ ବୋଲି ଗଜପତି କହିଛନ୍ତି । ଏକ ଗଣମାଧ୍ୟମକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ ଏହି କଥା କହିଛନ୍ତି । ରତ୍ନଭଣ୍ଡାର ନେଇ ଗଜପତି ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି, ଆଗାମୀ ରଥଯାତ୍ରା ସମୟରେ ରତ୍ନଭଣ୍ଡାର କାର୍ଯ୍ୟ ହେବ । ବାହାର ରତ୍ନଭଣ୍ଡାର ଲେଜର ସ୍କାନିଂ ହୋଇଛି । ଏ ସଂପର୍କରେ ବିସ୍ତୃତ ରିପୋର୍ଟ ଇଝଓ ଉପସ୍ଥାପନ କରିବ । ଆଗାମୀ ପରିଚାଳନା କମିଟି ମିଟିଂରେ ଇଝଓ ରିପୋର୍ଟ ଦେବ । ମରାମତି ଓ ଅଳଙ୍କାର ଗଣତି ରଥଯାତ୍ରା ସମୟରେ କରାଯିବ । ଗଣତି ଅଧିକ ସମୟ ଲାଗିବ । ସେ ନେଇ ଯୋଜନା କରାଯିବ ବୋଲି ଗଜପତି କହିଛନ୍ତି । କାମିୟା ଜାନି ପ୍ରସଙ୍ଗରେ ଗଜପତି କହିଛନ୍ତି, କୌଣସି ଅଣହିନ୍ଦୁ ଶ୍ରୀମନ୍ଦିର ପ୍ରବେଶ କରିପାରିବେ ନାହିଁ । ଯଦି ସେ ଗୋମାଂସ ଭକ୍ଷଣର ପ୍ରମୋସନ କରିଥିବେ ଓ ତାହା ସତ୍ୟ ହୋଇଥିବ, ତାହାହେଲେ ସେଭଳି ବ୍ୟକ୍ତିଙ୍କୁ ଆମେ କାହିଁକି ମନ୍ଦିରକୁ ନେବା ବୋଲି ଗଜପତି ପ୍ରଶ୍ନ କରିଛନ୍ତି । ଶଙ୍କରାଚାର୍ଯ୍ୟଙ୍କ 'ଭୋଗସ୍ଥଳୀ' ମନ୍ତବ୍ୟକୁ ନେଇ ଗଜପତି କହିଛନ୍ତି, ଶ୍ରୀମନ୍ଦିର ଭୋଗସ୍ଥଳୀ ହେବାର ପ୍ରଶ୍ନ ହିଁ ନାହିଁ । ଗୁରୁଜୀ ସଂପୂର୍ଣ୍ଣ ପୁରୀକୁ ନେଇ ଭୋଗସ୍ଥଳୀ କଥା କହିଛନ୍ତି । ଋଷିକେଶ, ହରିଦ୍ୱାରରେ ଆମିଷ, ନିଶା ବାରଣ ଅଛି । ଗୁରୁଜୀଙ୍କ ପରାମର୍ଶ ମାନି ପୁରୀରେ ଏସବୁ ନିଷେଧ କରାଯାଉ । ଶ୍ରୀକ୍ଷେତ୍ର ଭିତରେ ପବିତ୍ରତା ରକ୍ଷା କରାଯାଉ ବୋଲି ସେ କହିଛନ୍ତି । ଗଜପତି ଆହୁରି କହିଛନ୍ତି, ୪ ଯଜ୍ଞ ଯୋଜନା କାର୍ଯ୍ୟକାରୀ ପାଇଁ ସରକାରଙ୍କ ଉଦ୍ୟମ ଦରକାର । ୪ ଯଜ୍ଞ ହେଉଛି ଜ୍ଞାନ ଯଜ୍ଞ, ଘୃତ ଯଜ୍ଞ, ନାମ ଯଜ୍ଞ ଏବଂ ଅନ୍ନ ଯଜ୍ଞ । ଆଶା ସରକାର ଏ ବିଷୟରେ ଚିନ୍ତା କରିବେ । ପରିକ୍ରମା ପ୍ରକଳ୍ପରେ ଅଟକି ନଯାଉ ଶ୍ରୀମନ୍ଦିର ସଂସ୍କାର ।

## ଧର୍ମେନ୍ଦ୍ରଙ୍କ କଟାକ୍ଷ : ଇଷ୍ଟଇଣ୍ଡିଆ ....

ମୁଖ୍ୟମନ୍ତ୍ରୀ ଏନେଇ ଶ୍ୱେତପତ୍ର ଆଣିବାକୁ ସେ ଆହ୍ୱାନ କରିଥିଲେ । ଅନୁଗୁଳରେ କେନାଲ ପାଣି ମାଡ଼ି ପାରିଲା ନାହିଁ । ଚାଷୀ ହନ୍ତସନ୍ତ ହେଉଛନ୍ତି । ଠିକାଦାର ଆପଣ ପୋଷିଛନ୍ତି, ସେମାନେ ଆପଣଙ୍କୁ ନିୟନ୍ତ୍ରଣ କରୁଛନ୍ତି । ୨୫ବର୍ଷର ସରକାରରେ ରୂପାନ୍ତରଣ କରି ବାହାସ୍ଫୋଟ ମାରୁଛନ୍ତି । ଆଗାମୀ ନିର୍ବାଚନରେ ଓଡ଼ିଶାବାସୀ ଏହାର ଉଚିତ୍ ଜବାବ ଦେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ଗରିବ ଲୋକଙ୍କୁ ମାଗଣାରେ ଚାଉଳ ଦେଉଛନ୍ତି । ଦେଶର ୨୪କୋଟି ଲୋକ ଦାରିଦ୍ର ?ୟତାରୁ ବାହାରି ସ୍ୱଚ୍ଛନ୍ଦରେ ଜୀବନ ବିତାଇ ପାରୁଛନ୍ତି । ଓଡ଼ିଶାରେ ଏକ କୋଟିରୁ ଅଧିକ ଲୋକ ଦାରିଦ୍ର୍ୟତାରୁ ବାହାରି ଆତ୍ମନିର୍ଭର ଦିଗରେ ଗତିଶୀଳ । ଓଡ଼ିଶାରେ ଯଦି ଦାରିଦ୍ର ?ୟ କମିଥାଏ ତା'ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ, ଗତ କିଛିଦିନ ଧରି ଫାଇଭ-ଟି ଅଧ୍ୟକ୍ଷ ଭିକେ ପାଣ୍ଡିଆନ ବିଭିନ୍ନ ଜିଲ୍ଲା ଗସ୍ତରେ ଯାଇ ସଭା ମଂଚରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସିଧାସଳଖ ଟାର୍ଗେଟ୍ କରୁଥିଲେ । ଆଜି ଧର୍ମେନ୍ଦ୍ର ନିଜ ଭାଷଣରେ ପାଣ୍ଡିଆନଙ୍କ ନାଁ ନନେଇ ଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିବା ଆଳରେ ପାଣ୍ଡିଆନଙ୍କୁ ଇଷ୍ଟଇଣ୍ଡିଆ କମ୍ପାନୀର ପ୍ରତିନିଧି ବୋଲି କଟାକ୍ଷ କରିବାକୁ ପଛାଇ ନାହାନ୍ତି ।

## ଆଜିଠୁ ଆରମ୍ଭ ରାମଲାଲା....

ମୋଦିଙ୍କ ସମେତ ଆରଏସଏସ ମୁଖ୍ୟ ମୋହନ ଭାଗବତ, ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗି ଆଦିତ୍ୟନାଥ, ନିତ୍ୟ ଗୋପାଳ ଜି ମହାରାଜ ଏବଂ ରାଜ୍ୟପାଳ ଆନନ୍ଦିବେନ ପଟେଲ । ଏହି ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଭାରତୀୟ ଆଧ୍ୟାତ୍ମିକତା ଜଗତ, ବିବିଧ ଧାର୍ମିକ ପରମ୍ପରା , ଉପାସନା ବ୍ୟବସ୍ଥା ଏବଂ ୧୫୦ରୁ ଅଧିକ ପନ୍ଥିର ସନ୍ଥଙ୍କ ସମେତ ଦେଶର ୫୦ରୁ ଉର୍ଦ୍ଧ୍ୱର୍ ଆଦିବାସୀ, ଗିରିବାସୀ, ଦ୍ୱୀପବାସୀଙ୍କ ପ୍ରତିନିଧି ମଧ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରକୁ ପ୍ରତ୍ୟକ୍ଷ ଭାବେ ଦେଖିବେ ।

## କୃଷ୍ଣ ଜନ୍ମଭୂମି ମାମଲା....

କରି ମସଜିଦରେ ସର୍ଭେ କରାଇବାକୁ ନିର୍ଦ୍ଦେଶ ଦେଇଥିଲେ । ମସଜିଦ ସର୍ବେକ୍ଷଣ ପାଇଁ ହାଇକୋର୍ଟ ଆଡଭୋକେଟ କମିଶନର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ମୁସଲିମ ପକ୍ଷ ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆଜି ସୁପ୍ରିମକୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଏ ଉପରେ ଶୁଣାଣି କରି ହାଇକୋର୍ଟଙ୍କ ଆଡଭୋକେଟ କମିଶନର ନିଯୁକ୍ତି ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି । ସର୍ବୋଚ୍ଚ ଅଦାଲତ କୋର୍ଟଙ୍କ ରାୟକୁ ଅସ୍ପଷ୍ଟ ଦର୍ଶାଇବା ସହ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୨୩କୁ ଧାର୍ଯ୍ୟ କରିଛନ୍ତି । ଶୁଣାଣି ସମୟରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଏହି ମାମଲାରେ ଆଇନଗତ ପ୍ରକ୍ରିୟା ଜାରି ରଖିବାକୁ ଆହ୍ଲାବାଦ ହାଇକୋର୍ଟ ସମ୍ପୂର୍ଣ୍ଣ ରୂପେ ମୁକ୍ତ । ଏହାର ଅର୍ଥ ହାଇକୋର୍ଟ ଆଡଭୋକେଟ କମିଶନର ନିଯୁକ୍ତି କରାଇ ପାରିବେନି ସତ, କିନ୍ତୁ ଏହି ମାମଲାର ସମସ୍ତ ନ୍ୟାୟିକ ପ୍ରକ୍ରିୟା ଜାରି ରଖିପାରିବେ ।

## କର୍ମଚାରୀଙ୍କୁ ବାହାର କରି...

ରାତିରେ ହ୍ୱାଟ୍ସଆପ୍ ଗ୍ରୁପ୍ ମେସେଜ କରୁଛନ୍ତି । ଅନେକ ସଦସ୍ୟଙ୍କ ପାଖରେ ମୋବାଇଲ ନଥିବାରୁ ସେମାନେ ବୈଠକ ସମ୍ପର୍କରେ ଜାଣିପାରୁନାହାନ୍ତି । ଯେଉଁଥିପାଇଁ ସେମାନେ ବୈଠକରେ ଯୋଦେଇପାରୁ ନାହାନ୍ତି । ଏପରି କାର୍ଯ୍ୟ ନକରିବା ପାଇଁ ବିଡିଓଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ଜନପ୍ରତିନିଧି । ହେଲେ ବିଡିଓ ଏଥିପ୍ରତି ନଜର ଦେଉନଥିବା ଅଭିଯୋଗ ହୋଇଛି । ଏହାଛଡ଼ା ବିଭିନ୍ନ ଯୋଜନାରେ ବିଡିଓ ଅର୍ଥ ହେରଫେର କରୁଥିବା ଅଭିଯୋଗ ହୋଇଛି । ବିଡିଓଙ୍କ ଏପରି କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଜନପ୍ରତିଧି । ବିଡିଓଙ୍କ ବଦଳି ଦାବିରେ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକେଇ ଦେଇଛନ୍ତି । ତାଲା ପକାଇବା ପୂର୍ବରୁ ଜନ ପ୍ରତିନିଧିମାନେ ବ୍ଲକ ଅଫିସ୍‌ରେ କାର୍ଯ୍ୟାଳୟରେ କାମ କରୁଥିବା ସବୁ କର୍ମଚାରୀଙ୍କୁ ବାହାର କରିଦେଇଥିଲେ । ତା'ପରେ ମୁଖ୍ୟ ଫାଟକରେ ତାଲା ପକାଇଥିଲେ । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଗେଟରୁ ତାଲା ଖୋଲିବ ନାହିଁ ବୋଲି ଜନପ୍ରତିନିଧିମାନେ ରୋକ୍‌ଠୋକ ଶୁଣାଇ ଦେଇଛନ୍ତି । ଏପରିକି ଜନ ପ୍ରତିନିଧିମାନେ ଅଫିସ୍ ଆଗରେ ଧାରଣା ଦେଇଛନ୍ତି । ଧାରଣାରେ ବ୍ଲକ ଅଧକ୍ଷା ରଶ୍ମିତା ମାଝୀଙ୍କ ସହିତ ବ୍ଲକର ୧୧ଟି ପଞ୍ଚାୟତର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ସାମିଲ୍ ହୋଇଛନ୍ତି । ତେବେ ଏପରି ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଡିଓ । ସେ କହିଛନ୍ତି, କୌଣସି ଭୁଲ ହୋଇନାହିଁ । ଜନପ୍ରତିନିଧିଙ୍କ ଅଭିଯୋଗର ସତ୍ୟତା ନାହିଁ । ସ୍ଥାନୀୟ ପିଇଓଙ୍କ ମାଧମରେ ଜନପ୍ରତିନିଧିଙ୍କୁ ସୂଚନା ପ୍ରଦାନ କରାଯାଉଥିବା ବିଡ଼ିଓ କହିଛନ୍ତି ।

## ଦୁଇଟି ସ୍ଥାନରେ....

ଗଞ୍ଜେଇ ଚାଷକୁ ସମ୍ପୂର୍ଣ୍ଣ ଭାବେ ପୋଡ଼ି ନଷ୍ଟ କରିଦେଇଛନ୍ତି । ସମୁଦାୟ ୪୩ ହଜାରରୁ ଉର୍ଦ୍ଧ୍ୱ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଏହି ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୪ କୋଟି ୩୦ ଲକ୍ଷ ଟଙ୍କା ହେବା ନେଇ ପୁଲିସ ସୂଚନା ଦେଇଛି । ତେବେ ଯେ ପର୍ଯ୍ୟନ୍ତ ଜିଲ୍ଲାରୁ ସମ୍ପୂର୍ଣ୍ଣ ଭାବେ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇ ନାହିଁ ସେ ପର୍ଯ୍ୟନ୍ତ ଡ୍ରୋନ୍ ମାଧମରେ ଗଞ୍ଜେଇ ଚାଷ ହୋଇଥିବା ସ୍ଥାନକୁ ଚିହ୍ନଟ କରିବା ସହିତ ଗଞ୍ଜେଇ ଚାଷକୁ ବନ୍ଦ କରାଯିବ ବୋଲି ବୌଦ୍ଧ ଏସପି ସୂଚନା ଦେଇଛନ୍ତି ।

## ବିଏସକେୱାଇ ନବୀନ....

ଶୁଭାରମ୍ଭ କରିଥିଲେ । ବିଏସକେୱାଇ ଯୋଜନାରୁ ବଞ୍ଚିତ ଲୋକଙ୍କ ପାଇଁ ଏହା ଉଦ୍ଦିଷ୍ଟ । ଏହି ନୂଆ କାର୍ଡ ଜରିଆରେ ବିଏସକେୱାଇରୁ ବଞ୍ଚିତ ଗ୍ରାମାଞ୍ଚଳର ସବୁ ପରିବାର ଏହି ନୂଆ ଯୋଜନାରେ ସାମିଲ ହେବେ । କେବଳ ସରକାରୀ କର୍ମଚାରୀ ଓ ଆୟକରଦାତାଙ୍କୁ ବାଦ୍ ଦେଇ ଗ୍ରାମାଞ୍ଚଳର ଅନ୍ୟ ଲୋକଙ୍କୁ ଏଥିରେ ସାମିଲ କରାଯିବ । ଏହି କାର୍ଡ ଜରିଆରେ ଉଭୟ ରାଜ୍ୟ ଓ ରାଜ୍ୟ ବାହାରେ ବିଏସକେୱାଇରେ ପଞ୍ଜିକୃତ ହସ୍ପିଟାଲରେ ଜଟିଳ ରୋଗର ଚିକିତ୍ସା ସୁବିଧା ପାଇପାରିବେ ।

# ବ୍ୟାସକବି ଫକୀରମୋହନ ଜୟନ୍ତୀ ଉତ୍ସବର ତୃତୀୟ ଦିବସ

## କବିତା ଆସର ଓ 'ମୋତେ ରାଣୀ ବନେଇ ଦିଅ' ନାଟକ ମଞ୍ଚସ୍ଥ



ବାଲେଶ୍ୱର, ୧୬/୧ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୮୨ତମ ଜୟନ୍ତୀର ତୃତୀୟ ଦିବସରେ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ପ୍ରତିଯୋଗିତା ଓ ଫକୀରମୋହନଙ୍କ ସଂପର୍କିତ ମହାବିଦ୍ୟାଳୟସ୍ତରୀୟ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । 'ଗୋପବନ୍ଧୁଙ୍କ ଉତ୍କଳପ୍ରୀତି' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ସ୍ୱୟଂଜ୍ୟୋତି ସାହୁ ପ୍ରଥମ, ଦେବାଶିଷ ମହାରଣା ଦ୍ୱିତୀୟ ଓ ଲକ୍ଷ୍ମୀଧର ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ 'ଫକୀରମୋହନଙ୍କ ସାହିତ୍ୟରେ ନାରୀଚରିତ୍ର' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ଶୁଭଶ୍ରୀ ରାଉଳ ପ୍ରଥମ, ଶିବାନୀ ରାଉଳ ଦ୍ୱିତୀୟ ଓ ଦିବ୍ୟାଶା ପାଣିଗ୍ରାହୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିପରି ଜଣାଅଜଣା ପ୍ରତିଯୋଗିତାରେ ଜୟଶ୍ରୀ ଦାସ ଓ ସିପୁନ୍ ବେହେରା ପ୍ରଥମ, ଦିନେଶ କୁମାର ନାଏକ ଓ ହରିହର ମାହାର୍ଣ୍ଣା ଦ୍ୱିତୀୟ, ଦିବ୍ୟାକ୍ଷୀ ପଣ୍ଡା ଓ ପାର୍ବତୀ ମାହାଲି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରବନ୍ଧ ପ୍ରତିଯୋଗିତାରେ ଡ. ଶିରୀଶ ଚନ୍ଦ୍ର ଜେନା ବିଚାରକ ଥିବାବେଳେ ଜଣାଅଜଣା କାର୍ଯ୍ୟକ୍ରମକୁ ଡ. ହରିଶ୍ଚନ୍ଦ୍ର ବେହେରା ଓ ଡ. ସାରଙ୍ଗଧର ତ୍ରିପାଠୀ ପରିଚାଳନା କରିଥିଲେ । ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ୧୭ ତାରିଖ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ ପୁରସ୍କୃତ କରାଯିବ । ପୂର୍ବାହ୍ଣରେ ଶାନ୍ତିଘାଟଠାରେ ଆୟୋଜିତ ଏକ ସଭାରେ ନୟନାକୁମାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ଜେନା ମୁଖ୍ୟଅତିଥି, ପ୍ରାଧ୍ୟାପକ ଅନନ୍ତ ପ୍ରଧାନ ମୁଖ୍ୟବକ୍ତା, ଅଧ୍ୟାପକ ଅମ୍ବରୀଶ ଦିଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ । ଅପରାହ୍ଣ ୩ଟାରେ ଉପସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କବିତା ପାଠୋତ୍ସବରେ ଅଞ୍ଜଳି ପଣ୍ଡା ମୁଖ୍ୟଅତିଥି ଓ ସୁଚରିତା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ । ତନୁଜା ପଣ୍ଡା ଓ ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଶତାଧିକ କବି ଓ କବୟିତ୍ରୀ ସ୍ୱରଚିତ କବିତାପାଠ କରିଥିଲେ । ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଡ. ହରିଶ୍ଚନ୍ଦ୍ର ବେହେରାଙ୍କ ରଚିତ ଓ ଅର୍ଣ୍ଣବ କରଙ୍କ ନିର୍ଦ୍ଦେଶନାରେ ନାଟକ 'ମୋତେ ରାଣୀ ବନେଇ ଦିଅ' ମଞ୍ଚସ୍ଥ ହୋଇଥିଲା । ଏଥିରେ ପରିଷଦର ମହିଳା ସଦସ୍ୟା ଜ୍ୟୋତ୍ସ୍ନା ରାୟ ମହାପାତ୍ର, ଶାନ୍ତି ବିଶି, କଲ୍ୟାଣୀ ନନ୍ଦ, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, ସଙ୍ଗୀତା ବାରିକ, ଶାନ୍ତିଲତା ପଣ୍ଡା, ବାସନ୍ତୀ କର, ସଂହିତା ଦାସ ରକ୍ଷିତ, ମାମିନା ମହାପାତ୍ର, ଅମିତା ଚାନ୍ଦ, ସୁଜାତା ପଣ୍ଡା, ସୁଶ୍ରୀ ଶେଫାଳୀ ତ୍ରିପାଠୀ, ସୁପ୍ରଭା ଦାସ, ଅଞ୍ଜଳି ପଣ୍ଡା, ସୁବ୍ରତା ମହାନ୍ତି, ସୁନାମଣି ଜେନା, ଚିତ୍ରାରାଣୀ ପାତ୍ର, କୃଷ୍ଣା ପ୍ରଧାନ, ପ୍ରତିମା ପଣ୍ଡା, ଶୁଭଲକ୍ଷ୍ମୀ ପାଣିଗ୍ରାହୀ ଓ ଗୀତାଞ୍ଜଳି ଶତପଥୀ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ । ନନ୍ଦକିଶୋର ଦାସ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ପୀତାମ୍ବର ବେହେରା ସ୍ମାରକ ଦାୟିତ୍ୱ ନିର୍ବାହ କରିଥିଲେ ।

# ବାଲେଶ୍ୱର ସିଭିଲ୍ ସୋସାଇଟିର ୧୧ଶ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ

ବାଲେଶ୍ୱର, ୧୬/୧ (ନି.ପ୍ର): ଆସନ୍ତା ୨୮ ତାରିଖ ରବିବାର ଦିନ ସିଭିଲ୍ ସୋସାଇଟିର ଏକାଦଶ ବାର୍ଷିକ ସମ୍ମିଳନୀର ସଫଳତା ପାଇଁ ମଙ୍ଗଳବାର ଅପରାହ୍ଣରେ ପତ୍ରୁଆଁପଦାସ୍ଥିତ ଉଠାଜଳସେଚନ ନିଗମ କର୍ମଚାରୀ ଭବନରେ ଅନୁଷ୍ଠିତ ବୈଠକରେ ବ୍ୟାପକ କାର୍ଯ୍ୟକ୍ରମ ଗୃହୀତ ହୋଇଅଛି । ଉକ୍ତଦିନ ପୂର୍ବାହ୍ଣ ୧୦ଟା ସମୟରେ ସ୍ଥାନୀୟ ଷ୍ଟେସନ୍ କ୍ଲବ୍ ପରିସରରେ ସମ୍ମିଳନୀର ଉଦ୍‌ଘାଟନ ଓ ପ୍ରତିନିଧି ଅଧିବେଶନ ଅନୁଷ୍ଠିତ ହେବ । ପ୍ରତିନିଧି ଅଧିବେଶନରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଜନସମସ୍ୟା ସଂପର୍କରେ ସବିଶେଷ ଆଲୋଚନା ହୋଇ ଆଗାମୀ ଦିନର କାର୍ଯ୍ୟପନ୍ଥା ସ୍ଥିର କରାଯିବ । ଅପରାହ୍ଣ ୪ଟା ବେଳେ ପୋଲିସ୍ ଲାଇନ୍ ଛକ ନିକଟସ୍ଥ ବାବା ସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱରେ ଜନସଭା ଅନୁଷ୍ଠିତ ହେବ । ଏହି ସଭାରେ ଜାତୀୟ ଓ ରାଜ୍ୟସ୍ତରୀୟ ସାମାଜିକ କର୍ମୀ ଓ ବିଭିନ୍ନ ଜନଆନ୍ଦୋଳନରେ ନେତୃତ୍ୱ ଅତିଥି ଓ ବକ୍ତା ଭାବେ ଯୋଗ ଦେବେ । ଆସନ୍ତା ୨୩ ତାରିଖ ଦିନ ୧୦ଟାରେ ସୋସାଇଟି ପକ୍ଷରୁ ନେତାଜୀ ଜୟନ୍ତୀ ଓ ସମ୍ମିଳନୀର ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ । ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂପାଦକ ମନୋଜ ନାୟକ, ସମ୍ମିଳନୀର ବିଶଦ କାର୍ଯ୍ୟସୂଚୀ ଉପସ୍ଥାପିତ କରିଥିଲେ । ସମ୍ମିଳନୀର ସମସ୍ତ କାର୍ଯ୍ୟକ୍ରମ ସଫଳ କରିବାକୁ ଶ୍ରୀ ନାୟକ ବୈଠକରେ ନିବେଦନ କରିଥିଲେ । ଏହି ବୈଠକରେ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତିଙ୍କ ସମେତ ସୀତାରାମ ପ୍ରଧାନ, ବଂଶୀଧର ଦଳେଇ, ଅରୁଣ ଜେନା ନନ୍ଦନ ପାଲ, ସାଜନ ସାହା, ଜ୍ୟୋତ୍ସ୍ନା ସେନାପତି, ପରମାନନ୍ଦ ପଣ୍ଡା, ତପନ ସିଟ୍, ଗଣେଶ୍ୱର ରାଉତ, ସୁରେନ୍ଦ୍ରନାଥ ପଣ୍ଡା, ପ୍ରଶାନ୍ତ ପାଢ଼ୀ, ଜ୍ଞାନାନନ୍ଦ ମିଶ୍ର, ପୂର୍ଣ୍ଣଚନ୍ଦ୍ର ପାତ୍ର, ଶରତ ଚନ୍ଦ୍ର ଦଳେଇ, ବିଜୟ କୁମାର ବେହେରା, ତାପସ କୁମାର, ଗୌରହରି ରାଉଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଜଳ ସମ୍ପଦ ବିଭାଗର ଯନ୍ତ୍ରୀମାନଙ୍କ ଦକ୍ଷତା ବିକାଶ ନିମନ୍ତେ କର୍ମଶାଳା

ଭୁବନେଶ୍ୱର, ୧୬/୧ (ନି.ପ୍ର): ବୃହତ୍ ଉଠା ଜଳସେଚନ(ମେଗା ଲିଫ୍ଟ) ପ୍ରକଳ୍ପମାନଙ୍କରେ ପାଣି ପଂଚାୟତ ଗଠନ ପାଇଁ ୨୦୨୩ ରେ ପାଣି ପଂଚାୟତ ଅଧିନିୟମର ସଂଶୋଧନ କରାଯାଇଛି । ଏହି ପ୍ରକଳ୍ପ ଅନ୍ତର୍ଗତ ଯନ୍ତ୍ରୀମାନଙ୍କ ପାଇଁ ପାଣି ପଂଚାୟତ ସମ୍ବନ୍ଧୀୟ କାର୍ଯ୍ୟାବଳୀ ସଂପର୍କରେ ଦକ୍ଷତା ବିକାଶ ନିମନ୍ତେ ଏକ ଦୁଇ ଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ୱାଲମୀ,ଓଡିଶା ନିର୍ଦ୍ଦେଶକ ଇଂ ବିଜୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ୱାଲମୀ, ପ୍ରତାପନଗରୀ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ମେଗା ଲିଫ୍ଟ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ସଞ୍ଜୀବ କୁମାର ନାୟକ, ଉତରାଂଚଳ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ସନାତନ ସାହୁ, ଦକ୍ଷିଣାଂଚଳ ମଣ୍ଡଳର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଇଂ ଭିକାରୀ ଚରଣ ବେହେରାଙ୍କ ସମେତ ନିର୍ବାହୀ ଯନ୍ତ୍ରୀ, ସହାୟକ ତଥା କନିଷ୍ଠ ଯନ୍ତ୍ରୀମାନେ ଯୋଗଦାନ କରିଥିଲେ । ୱାଲମୀ ର ପ୍ରମୁଖ ପ୍ରଶିକ୍ଷଣ ସଂଯୋଜକ, ଡଃ ସୁଧନ୍ୱା ଚନ୍ଦ୍ର ପାତ୍ର, ଏହି କର୍ମଶାଳାକୁ ଉଦ୍‌ଘାଟନ କରିବା ସହିତ ପରିଚାଳନା କରିଥିଲେ । ୱାଲମୀର ପ୍ରଫେସର ଇଂ ଅରୁଣ ସାମନ୍ତରାୟ, ସହଯୋଗୀ ପ୍ରଧାପିକା ଇଂ ଇତିଶ୍ରୀ ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେବା ସହିତ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ପ୍ରକାଶ ଥାଉକି, ଉକ୍ତ କର୍ମଶାଳା ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାର ମେଗା ଲିଫ୍ଟ ପ୍ରକଳ୍ପଗୁଡିକରେ ପାଣି ପଞ୍ଚାୟତ ଗଠନ ପାଇଁ ଏକ ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ପାଣି ପଂଚାୟତ ଗଠନ ପ୍ରକ୍ରିୟା ସୂଚାରୁରୂପେ ସମ୍ପାଦନ କରିବା ପାଇଁ ସଂଗୃହିତ ପ୍ରସ୍ତାବ ଗୁଡିକ ମେଗା ଲିଫ୍ଟ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଁ ଚିନ୍ମୟ କୁମାର ରାଉତଙ୍କ ଅବଗତି ନିମନ୍ତେ ପ୍ରଦାନ କରାଯିବା ନିମନ୍ତେ କର୍ମଶାଳାରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା ।

ବୁଧବାର, ଜାନୁଆରୀ ୧୭, ୨୦୨୪

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଖଇରା ବାଇମୁଣ୍ଡି ନଗେନ୍ଦ୍ର ମହାନ୍ତିଙ୍କ ସ୍ମୃତିସଭା

ଖଇରା, ୧୬/୧ (ନି.ପ୍ର): ଖଇରା ମହାବିଦ୍ୟାଳୟ ପ୍ରତିଷ୍ଠାର ଅନ୍ୟତମ ପୁରୋଧା,ସୁନାମଧନ୍ୟ ଚିକିତ୍ସକ,ବାଲେଶ୍ୱର ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ସ୍ୱର୍ଗତ ନେଗନ୍ଦ୍ର ନାଥ ମହାନ୍ତିଙ୍କ ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରେର ଏକ ସ୍ମୃତିସଭା ଖଇରା ଦୁର୍ଗାମଣ୍ଡପ ପରିସରେର ଅନୁଷ୍ଠିତ ହୋଇ ଯାଇଛି । ପ୍ରତିଭା ପରିବାର ଆନୁକୂଲ୍ୟେର ଅାୟୋଜିତ ସଭାେର ବୁଦ୍ଧିରାମ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ । ଶରତ କୁମାର ବିଶ୍ୱାଳ,ଅନ୍ତର୍ଯାମୀ ପାତ୍ର,ଲକ୍ଷ୍ମୀଧର ମହାପାତ୍ର,ରାମଚନ୍ଦ୍ର ଦାସ,ବିଷ୍ଣୁମୋହନ ଶତପଥି,ସୁଦଶର୍ନ ପାଣିଗ୍ରାହୀ,ସନାତନ ବେେହରା,କମଳାକାନ୍ତ ନାୟକ,ସେନ୍ତାଷ ବିଶ୍ୱାଳ,ଜଗତାନନ୍ଦ ମହାପାତ୍ର,ଚିନ୍ତାମଣି ସାହାଣି,ମୁକ୍ତିକାନ୍ତ ଶତପଥୀ,ମେହନ୍ଦ୍ର ସେନାପତି,ରଘୁନାଥ ପତ୍ରୀ ପ୍ରମୁଖ ବକ୍ତା ଭାେବ ଯୋଗ ଦେଇ ବିଭିନ୍ନ ଗୁଣ ଉପେର ଅାେଲାକପାତ କରିଥିଲେ । ପଙ୍କଜ କୁମାର ମହାନ୍ତି ଧନ୍ୟବାଦ ଅପର୍ଣ କରିଥିଲେ । ଶିଷର୍କ "ଡାକ୍ତର ହିଁ ପ୍ରକୃତ ଈଶ୍ୱର" ଉପେର ଅାୟୋଜିତ ବକ୍ତୃତା ପ୍ରତେଯାଗିତା ରେ ବିଜୟୀ ହୋଇଥିବା ନାମ୍ୟା ଅମର ଦାସ,ଦୀପଙ୍କର ତ୍ରିପାଠୀ,ସାନଭି ମିଶ୍ର ଙ୍କୁ ପୁରସ୍କୃତ କରାଯାଇଥିଲା ।



## ଡେରାବିଶ ମହାବିଦ୍ୟାଳୟରେ 'ନୂଆ- ଓ' ଓଡିଆ ଭାଷା ସାହିତ୍ୟ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଡେରାବିଶ, ୧୬/୧ (ନି.ପ୍ର): ଡେରାବିଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଚନ୍ଦ୍ରଶେଖର ନାୟକଙ୍କ ପୌରୋହିତ୍ୟରେ ' ନୂଆ- ଓ ' ତରଫରୁ ଓଡିଆ ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି କାର୍ଯ୍ୟକ୍ରମ ଉଦଘାଟନ ହୋଇଯାଇଛି । ଏଥିରେ ଅଧ୍ୟକ୍ଷ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କର ଅଭିଭାଷଣରେ ସର୍ବଧର୍ମ ସମନ୍ୱୟର ଠାକୁର ଶ୍ରୀ ଜଗନ୍ନାଥଙ୍କ ଅସ୍ମିତାବୋଧ କିପରି ରେଣୁରୁ ପରମାଣୁ ଯାଏଁ ପରିବ୍ୟାପ୍ତ ସେ ସମ୍ପର୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅଶ୍ୱିନୀ କୁମାର ପୃଷ୍ଟି , ଶାନ୍ତନୁ କୁମାର ମାଟି , ବିକ୍ରମ କୁମାର ମହାନ୍ତି ଏବଂ ଅଧ୍ୟାପକ ବୃନ୍ଦାବନ ଦାସ, ବିଶ୍ୱଜିତ ସାହୁ , ଡ. ପ୍ରଜ୍ଞା ପଟ୍ଟନାୟକ, ଡ. କିଶୋର କୁମାର ବେଦାନ୍ତ, ଡ. ସନ୍ଦୀପ ବଳ , ଡ. କିଶୋର ଚନ୍ଦ୍ର ମଲ୍ଲିକ , ଜ୍ୟୋତିର୍ମୟ ବ୍ରହ୍ମା , ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନେ ଓଡିଆ ଭାଷାରେ ପ୍ରକାଶିତ ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା ଏବଂ ସମ୍ବାଦପତ୍ର ପଢିବାରେ ଧ୍ୟାନ ରଖିଲେ ଓଡିଆ ଭାଷା ଓ ସାହିତ୍ୟର ବିକାଶ ହୋଇପାରିବ ବୋଲି ବକ୍ତବ୍ୟ ରଖିଥିଲେ । ପରେ ପରେ ଛାତ୍ରଛାତ୍ରୀମାନେ ଓଡିଆ ପ୍ରବନ୍ଧ ଲିଖନ , ସଜନାତ୍ମକ ଲିଖନ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇଥିଲେ । ଆୟୋଜିତ ସଭାରେ ଅଧ୍ୟାପକ ଧନେଶ୍ୱର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଡ. ଶଶିକାନ୍ତ ମଲ୍ଲିକା ଧନ୍ୟବାଦ ଅର୍ପଣ କରିଥିଲେ । କର୍ମଚାରୀ ବାନାମ୍ବର ମଲ୍ଲିକ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ ।





## ଆବାସ ଯୋଜନା ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ

ବାସୁଦେବପୁର, ୧୬/୧ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳ ହିତାଧିକାରୀ ମାନଙ୍କ ପାଇଁ ଏକ ସାମାଜିକ ସମୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦର ଅଧକ୍ଷା ନିବେଦିତା ବେହେରା ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପାଧକ୍ଷ ଉତ୍ତମ ବାରିକ, କାର୍ଯ ନିର୍ବାହୀ ଅଧିକାରୀ ସମୀର ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କର୍ମଶାଳାର ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଲାଇଫ ଏକାଡେମୀ ଅଫ୍ ଭୋକେସ ନାଲ ଷ୍ଟଡିଜ୍ ର କର୍ମକର୍ତ୍ତା ରମେଶ ଚନ୍ଦ୍ର ବଳ ଓ ସାମାଜିକ ସମୀକ୍ଷକ ସମୀର କୁମାର ପରିଡ଼ା ଏହି କର୍ମଶାଳା ରେ ଉପସ୍ଥିତ ଥିବା ସମସ୍ତ ୱାର୍ଡ ପରିଷଦ ସଦସ୍ୟ ସଦସ୍ୟା ହିତାଧିକାରୀଙ୍କୁ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ଜନ ଶୁଣାଣି ଭଳି ୫ ଗୋଟି ଉପ କମିଟି ଗଠନ କରାଯାଇ ସାମାଜିକ ସମୀକ୍ଷା କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା । ଅନ୍ୟ ମାନଙ୍କ ମଧରେ ପୌର ପରିଷଦର ଏମ ଆଇ ଏସ ସବିର ଖାନ, ଗୋଷ୍ଠୀ ସଂଯୋଜିକା ସସ୍ମିତା ମହାପାତ୍ର,କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ନାୟକ, ୱାର୍ଡ ଅଫିସର ଦୀପକ ମହାନ୍ତି, କୋଷାଧକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ମୃତ୍ୟୁଞ୍ଜୟ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ସଂଯୋଜକ ସର୍ବେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ଦ୍ଧକ୍ୟ ଭତ୍ତା ନେବାକୁ ଆସି ଧାରଣାରେ ବସିଲେ ହିତାଧିକାରୀ: ପାଉଛୁ ୫ଶହ, ଭଡ଼ା ଦେଉଛୁ ୨ଶହ



ନୀଳଗିରି, ୧୬/୧ (ନି.ପ୍ର): ଭତ୍ତା ପାଇଁ ହଟହଟା ହେଉଛନ୍ତି ବୟସ୍କ ବୃଦ୍ଧା ଓ ବୃଦ୍ଧ।କହିଲେ ପାଉଛୁ ୫ଶହ ଭଡା ଦଉଛୁ ୨ ଶହ। ଆମକୁ ପାଖାପାଖି ସ୍ଥାନରେ ଭତ୍ତା ଦିଅ ନହେଲେ କାର୍ଡ ନେଇଯାଅ ଆମର ଭତ୍ତା ଦରକାର ନାହିଁ। ଏଭଳି କହି ପଞ୍ଚାୟତ ସମ୍ମୁଖରେ ପ୍ରତିବାଦରେ ବସିଲେ ଭତ୍ତା ନେବାକୁ ଆସିଥିବା ବୟସ୍କ ବୁଢ଼ା ବୁଢ଼ୀ। ସୂଚନା ମୁତାବକ ନୀଳଗିରି ବ୍ଲକ ଗରଡହି ପଞ୍ଚାୟତରେ ଭତ୍ତା ବଣ୍ଟନରେ ଦେଖାଦେଇଛି ଅନିୟମିତତା।ଉକ୍ତ ଗ୍ରାମଠାରୁ ୧୦ କିମି ଦୂରରେ ଥିବା ପ୍ରାୟ ୧୩ ଟି ଗାଁର ବୟସ୍କ ବୃଦ୍ଧ ଓ ବୃଦ୍ଧା ମାନେ ଯେଉଁମାନଙ୍କ ଦେହରେ ଚାଲିବା ପାଇଁ ଯୁ ନାହିଁ ସେମାନେ ଭତ୍ତା ଟିକକ ପାଇଁ ଚାଲି ଚାଲି ଆସି ପହଞ୍ଚିଛନ୍ତି ପଞ୍ଚାୟତ ଅଫିସରେ। ଏବଂ ଗଲା ବେଳକୁ ଅଟୋ ଭଡା କରି ଘରକୁ ଯାଇଛନ୍ତି । ଫଳରେ ପାଇଥିବା ୫୦୦ ଟଙ୍କା ଭତ୍ତାରୁ ସେମାନଙ୍କର ୨୦୦ ଟଙ୍କା ଭଡାରେ ଯାଉଛି। ଯାହା ପାଇଁ ଆଜି ଉକ୍ତ ଭତ୍ତା ନେବାକୁ ଆସିଥିବା ହିତାଧିକାରୀମାନେ ପଞ୍ଚାୟତ ସମ୍ମୁଖରେ ଧାରଣାରେ ବସିଥିଲେ। ସୂଚନା ଅନୁଯାୟୀ ଉକ୍ତ ପଞ୍ଚାୟତରେ ପୂର୍ବରୁ ଦୂରତାକୁ ଆଖି ଆଗରେ ରଖାଯାଇ ଚେକାମରା ଓ ଗରଡିହୀ ପଞ୍ଚାୟତ ଅଫିସ ଦୁଇଟି ସ୍ଥାନରେ ଭତ୍ତା ପ୍ରଦାନ କରାଯାଉଥିଲା। ହେଲେ ଆଜି କେବଳ ଗରଡିହୀ ପଞ୍ଚାୟତ ଅଫିସରେ ଭତ୍ତା ପ୍ରଦାନ କରାଯିବାରୁ ଅନେକ ଅସୁବିଧାର ଦେଖାଦେଇଥିଲା।ସ୍ଥାନୀୟ ସରପଞ୍ଚ ଶିବାଜୀ ସିଂ ଉକ୍ତ ଘଟଣା ବାବଦରେ ଜାଣିବା ପରେ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧ ଓ ବୃଦ୍ଧା ମାନଙ୍କୁ ବୁଝା ସୁଝା କରିଥିଲେ । ପରେ ନୀଳଗିରି ବିଡିଓ ରାହୁଲ ମଣ୍ଡଳଙ୍କୁ ଉକ୍ତ ଘଟଣା ବାବଦରେ ଅବଗତ କରିବାରୁ ଯେଉଁମାନେ ଭତ୍ତା ପାଇପାରିନାହାନ୍ତି ସେମାନଙ୍କୁ ଆଉ ଏକ ଦିନ ଧାର୍ଯ୍ୟ କରାଯାଇ ଭତ୍ତା ପ୍ରଦାନ କରାଯିବ ଓ ଆଗାମୀ ଦିନରେ ଦୁଇଟି ସ୍ଥାନରେ ଭତ୍ତା ପ୍ରଦାନ କରାଯିବ ବୋଲି କହିଛନ୍ତି।

## ଭାରତ- ନେପାଳ ସୀମାରୁ ମାଦକ ଦ୍ରବ୍ୟ ଜବତ: ୩ ଗିରଫ

ସିଲିଗୁଡି, ୧୬/୧: ଭାରତ-ନେପାଳ ସୀମାନ୍ତରୁ ପାନିଟଂକୀ ବର୍ଡରରେ ଏସଏସବି ୪୧ ବାଟାଲିୟନର ଯବାନମାନେ ସ୍ୱତନ୍ତ୍ର ଅଭିଯାନ ଚଳାଇ ୩ଜଣ ମାଫିଆଙ୍କୁ ଗିରଫ କରିଛନ୍ତି । ମଙ୍ଗଳବାର ଏସଏସବି ମାମଲାକୁ ଖୋରିବାଡି ଥାନାକୁ ହସ୍ତାନ୍ତର କରିଛି । ଗିରଫ ମାଫିଆମାନେ ହେଲେ ରବୀନ୍ଦ୍ରନାଥ ରାୟ, ସାୟନ ରାୟ ଓ ସମୀର ରାୟ । ରବୀନ୍ଦ୍ରନାଥ ଖୋରିବାଡିର ଗୌରସିଙ୍ଗ ଜୋତର ବାସିନ୍ଦ ଥିବା ବେଳେ ସାୟନ ହାଥୀଘିସା ଓ ସମୀର ସୁକମାର ବାସିନ୍ଦା ବୋଲି ଜଣାପଡିଛି । ମାଫିଆଙ୍କ ଠାରୁ ୪୮ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି ।

## କମଲ ଅଗ୍ରୱାଲ ଚମ୍ପିୟାନ ଟ୍ରଫି ଉଦ୍‌ଘାଟିତ: ସେମିରେ ୟଙ୍ଗ ଷ୍ଟାର କ୍ଲବ

ବସ୍ତା, ୧୬/୧ (ନି.ପ୍ର): ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଆନୁକୂଲ୍ୟରେ ଆୟୋଜିତ କମଲ ଅଗ୍ରୱାଲ କ୍ରିକେଟ ଚମ୍ପିୟାନ ଟ୍ରଫି ମଙ୍ଗଳବାର ଉଦଘାଟିତ ହୋଇଯାଇଛି । ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ଏବଂ ସୋର ଆରଏନ ସ୍ପୋର୍ଟିଂ କ୍ଲବ ମଧରେ ଉଦଘାଟନୀ ମ୍ୟାଚରେ ସୋର ଆରଏନ ସ୍ପୋର୍ଟିଂ କ୍ଲବକୁ ବାହାବଳପୁର ୟଙ୍ଗ ଷ୍ଟାର କ୍ଲବ ୧୪୮ ରନ ରେ ପରାସ୍ତ କରି ସେମି ଫାଇନାଲକୁ ଉନ୍ନୀତ ହୋଇଛି । ୟଙ୍ଗ ଷ୍ଟାର କ୍ଲବ ପ୍ରଥମେ ବ୍ୟାଟିଂ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ବିନିମୟରେ ଦଳ ୨୮୫ ରନ ସଂଗ୍ରହ କରିଥିଲା । ବ୍ୟାଟ୍ସ ମ୍ୟାନ ନରୋତ୍ତମ ଭଞ୍ଜ ସର୍ବାଧିକ ୧୧୪ରନ କରି ମ୍ୟାନ ଅଫ ଦା ମ୍ୟାଚ ବିବେଚିତ ହୋଇଥିଲେ । ଜବାବରେ ଆରଏନ ସ୍ପୋର୍ଟିଂ ୧୮.୧ଓଭର ରେ ୧୩୭ ରନରେ ଅଲ ଆଉଟ ହୋଇଯାଇଥିଲେ । ୟଙ୍ଗ ଷ୍ଟାର ବୋଲର ପ୍ରଶାନ୍ତ ଗୋଙ୍ଗେଇ ହ୍ୟାଟ୍ରିକ ସହ ୫ ଟି ଉଇକେଟ ନେଇଥିଲେ । କ୍ଲବ ସଭାପତି ମୁକ୍ତିକାନ୍ତ ବେରାଙ୍କ ପୌରାହିତ୍ୟରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ବିଶିଷ୍ଟ ବ୍ୟବସାୟୀ ମନୀଷ ଅଗ୍ରୱାଲ ଏବଂ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗ ଦେଇ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ବ୍ଲକ ଚେୟାରମ୍ୟାନ ସୁନିତା ବେହେରା, ମତ୍ସ୍ୟଜୀବୀ ସଂଘ ସଭାପତି ବିକାଶ ଦାସ, ସମ୍ପାଦକ ଗୋରାଚାନ୍ଦ ଜେନା, ସରପଞ୍ଚ ପ୍ରବୀର କୁମାର ସାହୁ ଓ ରାମ ନାରାୟଣ ଦିବେଦୀ, ପୂର୍ବତନ ସରପଞ୍ଚ, ଗୟାପ୍ରସାଦ ଦାସ, ସମାଜସେବୀ ବିଜୟାନନ୍ଦ ସ୍ୱାଇଁ, ସାମ୍ବାଦିକ ବାଞ୍ଛାନିଧି ଦେ ପ୍ରମୁଖ ମଞ୍ଚାସିନ ଥିଲେ । ଆମ୍ପାୟାର ଦିଲ୍ଲୀପ ବେରା ଓ ସଞ୍ଜୟ ବେରା ମ୍ୟାଚ ପରିଚାଳନା କରିଥିଲେ । ସଞ୍ଜୟ ମଣ୍ଡଳ ଓ ସୁବଳ ଜେନା ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ । ପ୍ରେମଚାନ୍ଦ ପରିଡା ଓ ନୁମାନ ଅଲ୍ଲୀ ଧାରା ବିବରଣୀ ପ୍ରଦାନ କରିଥିଲେ । କ୍ଲବ ସମ୍ପାଦକ ମୁକ୍ତିକାନ୍ତ ବେରା, କ୍ରୀଡା ସମ୍ପାଦକ ବିବେକ ଦାସ, ସବିନ ଜେନା, ସୁଜୟ ଦାସ, ସପନ ବର୍ମନ, କମଲ ମାଇତି, ପପୁ ଜେନା, ଇନ୍ଦ୍ରଜିତ ଜେନା ପ୍ରମୁଖ ପରିଚାଳନା କରିଥିଲେ ।



## ବିଭାଜନ ସ୍ତରୀୟ ପାଣି ପଂଚାୟତ ପକ୍ଷ ପାଳନ

ଉଦଳା , ୧୬/୧ (ନି.ପ୍ର): ଓଡ଼ିଶା ସରକାରଙ୍କର ଜଳ ସଂପଦ ବିଭାଗ ତରଫରୁ କ୍ଷୁଦ୍ର ଜଳ ସେଚନ ବିଭାଜନ, ମୟୂରଭଂଜର ନେତୃତ୍ୱରେ ଚଳିତ ଜାନୁଆରି ୧୬ ତାରିଖ ମଙ୍ଗଳବାର ଦିନ ଉଦଳା ବ୍ଲକ ଅନ୍ତର୍ଗତ ରାଢ଼ୋ ଗ୍ରାମ ପଂଚାୟତର 'ଜୟବନ୍ଧ' ଠାରେ ପାଣି ପଂଚାୟତ ପକ୍ଷ ପାଳନର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ପ୍ରକାଶ ଥାଉକି ଏହା ପ୍ରତିବର୍ଷ ଜାନୁଆରି ୧୬ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ପାଳିତ ହୋଇଥାଏ । କ୍ଷୁଦ୍ର ଜଳସେଚନ ବିଭାଜନ, ମୟୂରଭଂଜର ଅଧିକ୍ଷଣ ଯନ୍ତ୍ରୀ ମାନସ ରଂଜନ ଦାଶ ଉଦ୍‌ଘାଟନ ଉତ୍ସବରେ ଅଧକ୍ଷତା କରି କୃଷକ ମାନଙ୍କର ସମସ୍ୟାର ସମାଧାନ ପାଇଁ ' ସହଭାଗୀ ଜଳସେଚନ ପରିଚାଳନା'ର କିପରି ଆବଶ୍ୟକତା ରହିଛି ଅବଗତ କରାଇଥିଲେ। ଅନ୍ୟ ମାନଙ୍କ ମଧରେ ସ୍ଥାନୀୟ ବିଧାୟକ ଭାସ୍କର ମଡ଼େଇ ଓ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ଯଥାକ୍ରମେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଓଡ଼ିଶା ରାଜ୍ୟ ପାଣି ପଂଚାୟତ ଅଧିନିୟମ ୨୦୦୩ରେ ଉଲ୍ଲେଖ ଥିବା ନିତି ନିୟମ ସମ୍ପର୍କରେ ଜଣାଇଥିଲେ । ଏହାପରେ ଆଡ଼ିସନାଲ ଚିଫ ଇଂ. ବିଷ୍ଣପଦ ପଟାୟତ ଓ ଅପିକ୍ରାର ଆମୋଦ କୁମାର ପ୍ରଧାନ ତାଙ୍କର ବକ୍ତବ୍ୟରେ ପାଣି ପଂଚାୟତର ଗଠନ, ଚକ କମିଟି, ସାଧାରଣ ପରିଷଦ ବୈଠକ ଓ ପାଣି ପଂଚାୟତ ପାଇଁ ନିର୍ବାଚନ ପ୍ରକ୍ରୀୟା ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ପରେ ଉଦଳା ବ୍ଲକରେ କାର୍ଯ୍ୟରତ ଉଦ୍ୟାନ ବିଭାଗର ଅଧିକାରୀ ସ୍ୱର୍ଣ୍ଣମୟି ସିଂ, କୃଷି ବିଭାଗର ଅଧିକାରୀ ପ୍ରଫୁଲ ବେହେରା, ମତ୍ସ୍ୟ ବିଭାଗର ଅଧିକାରୀ ସନ୍ଦିପ ବେହେରା ନିଜ ନିଜ ବିଭାଗରୁ ମିଳୁଥିବା ସୁବିଧା ସୁଯୋଗ ବିଷୟରେ ଅବଗତ କରାଇଥିଲେ । ଜିଲ୍ଲା ପରିଷଦ ସଦସ୍ୟା ଲଳିତା ବିଷୋଇ ଓ ଇଂ. ସୁଶାନ୍ତି ସିଂ କୃଷକ ମାନଙ୍କର ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ହୋଇଥିବା ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଓ ମଡ଼େଲ ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତିୟ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧାପକ ଡ଼. କମଳାକାନ୍ତ ଲେଙ୍କା କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ। ଏହାପରେ ଡ଼ିହିରାକୁଳରୁ ଆସିଥିବା ଦୋଳଗୋବିନ୍ଦ ପୃଷ୍ଟି ଓ ସାଥୀ କଳାକାର ମାନେ ପାଲା ପରିବେଷଣ କରିଥିଲେ ।



## କମ୍ରେଡ ବେଣୁଧାର ସାହୁଙ୍କ ପରଲୋକ

ଜଳେଶ୍ୱର , ୧୬/୧ (ନି.ପ୍ର): ସୋମବାର ମକର ସଂକ୍ରାନ୍ତି ଅବସରରେ ଜଳେଶ୍ୱରର ସିପିଆଇଏମ୍‌ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ କମ୍ରେଡ ବେଣୁଧର ସାହୁ ୯୦ବର୍ଷ ବୟସରେ ନିଜ ବାସଭବନ ରାଜପୁର ପଂଚାୟତର ଓଳିନ୍ଦା ଗାଁରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ନ୍ୟାୟ ପାଇଁ ସଂଗ୍ରାମ ଜାରି ରଖିଥିବା ଓ ଗରିବ ଓ ଖଟିଖିଆ ମଣିଷର ବଂଧୁଭାବେ ସେ ଜୀବନବ୍ୟାପି କାର୍ଯ୍ୟ କରିଆସିଛନ୍ତି । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ୫ଝିଅ, ଜ୍ୱାଇଁ ଓ ଏକମାତ୍ର ପୁତ୍ର ଉପସ୍ଥିତ ଥିଲେ । କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ତାଙ୍କୁ ଶେଷ ସମ୍ମାନ ଜଣାଇ ଲାଲ ପତାକା ଆଚ୍ଛାଦିତ କରିଥିଲେ । ରାଜ୍ୟ ଓ ଦେଶର ବହୁ ବାମପନ୍ଥ ନେତାଙ୍କ ସହିତ ତାଙ୍କର ସୁ ସଂପର୍କ ରହିଥିଲା । ବହୁ ଜଳେଶ୍ୱରର ବହୁ ଆନ୍ଦୋଳନ ସହିତ ସେ ଅଙ୍ଗାଙ୍ଗୀଭାବେ ଜଡିତ ଥିଲେ । ସୋମବାର ତାଙ୍କ ମୃତ୍ୟୁପରେ ସିପିଆଇଏମ ନେତା ଦିଲ୍ଲିପ ଗିରି, ଶିଶିର ହୁଇ, ସିତାଂଶୁ ସେନାପତି, ଦିପ୍ତିମାନ ଆଚାର୍ଯ୍ୟ, ଜିତାଂଶୁ ନନ୍ଦି, ଦିଲ୍ଲିପ ପରିଡା, ଜୀବନ ପରିଡା, ଗଣେଶ ପାତ୍ର, ଅଶ୍ୱନୀ ପ୍ରଧାନ, ଜାନତୀବଲ୍ଲଭ ସାହୁ, ବ୍ରଜ ବଲ୍ଲଭ ସାହୁ, ହରିଶ୍ଚନ୍ଦ୍ର ଭୂୟାଁ ପ୍ରମୁଖ ବହୁବ୍ୟକ୍ତି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ ।

## ଚାନ୍ଦବାଲି ବ୍ଲକରେ ମିଳିତ ଜନ ଶୁଣାଣି ଶିବିର

ଭଦ୍ରକ, ୧୬/୧ (ନି.ପ୍ର): ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଭଦ୍ରକ ଜିଲ୍ଲାପାଳ ଓ ଭଦ୍ରକ ଏସ୍.ପିଙ୍କ ମିଳିତ ଜନଶୁଣାଣି ଶିବିର ଚାନ୍ଦବାଲି ବ୍ଲକ୍‌ରେ ଅନୁଷ୍ଠିତ ହୋଇଯାଇଛି । ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ମାସର ତୃତୀୟ ସୋମବାର ସରକାରୀ ଛୁଟି ଦିବସ ଥିବାରୁ ସରକାରୀ ନିୟମାନୁଯାୟୀ ପରବର୍ତ୍ତୀ ଦିବସ ମଙ୍ଗଳବାର ଦିନ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି.ବରୁଣ ଗୁଣ୍ଟୁପାଲି ଏହି ଶିବିରରେ ଯୋଗ ଦେଇ ସମୁଦାୟ ୭୫ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥି ମଧ୍ୟରେ ୬୩ଟି ବ୍ୟକ୍ତିଗତ ଓ ୧୨ଟି ସାମୂହିକ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ର, ଚାନ୍ଦବାଲି ବି.ଡ଼ି.ଓ. ଅସିତ୍ କୁମାର ମହାନ୍ତି, ଚାନ୍ଦବାଲି ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ଜନାଭିଯୋଗ ଶୁଣାଣି କାର୍ଯ୍ୟରେ ଜିଲ୍ଲାପାଳଙ୍କୁ ସହଯୋଗ କରିଥିଲେ । ବିଭିନ୍ନ ବିଭାଗ ସମ୍ବନ୍ଧୀୟ ଆଗତ ଅଭିଯୋଗ ସବୁର ନିୟମ ମୁତାବକ ସମାଧାନ କରାଯିବା ନେଇ ଜିଲ୍ଲାପାଳ ସଂପୃକ୍ତ ବିଭାଗୟୀ ଅଧିକାରୀମାନଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

## ନହଙ୍ଗ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର

ଖଇରା, ୧୬/୧ (ନି.ପ୍ର): ଖଇରା ବ୍ଲକ ଅଧୀନ ନହଙ୍ଗସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ଠାରୁ ଛାତ୍ରୀ ଆତ୍ମସୁରକ୍ଷା ଶିବିର ଆରମ୍ଭ ହୋଇଛି । ଅଧ୍ୟକ୍ଷା ଅନିତାରାଣି ନାୟକ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅଧ୍ୟାପିକା ଜ୍ୟୋସ୍ନାବାଳା ଦାସ,କ୍ରିଷ୍ଣାକୁମାରୀ ଖଟୁଆ,କର୍ମଚାରୀ ରମାଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଶିକ୍ଷିକା ଭାବେ ସସ୍ମିତା ଖଟୁଆ ଛାତ୍ରୀ ମାନଙ୍କୁ ବିଭିନ୍ନ କୌଶଳ ଶିଖାଇଥିଲେ । ୮ଦିନ ଧରି ତିନି ପର୍ଯ୍ୟାୟରେ ୧୦୬ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ଅଛି ।

## ବିଦ୍ୟୁତ ଆଘାତରେ ଗାଈ ମୃତ : କ୍ଷତିପୂରଣ ଦାବି

ବାଲିଆପାଳ , ୧୬/୧ (ନି.ପ୍ର): ବିଦ୍ୟୁତ ବଣ୍ଟନ କାରୀ ସଂସ୍ଥା ଟାଟା ପାୱାର ର ଅବହେଳା ଯୋଗୁଁ ମରୁଛନ୍ତି ଗାଈ ଗୋରୁ । ମାତ୍ର ପ୍ରତିକାର ହୋଇ ପାରୁ ନାହିଁ ।ଫଳରେ ସାଧାରଣ ରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି ।ସୂଚନା ରୁ ପ୍ରକାଶ ଯେ ସିଂଲା ଥାନା ଅନ୍ତର୍ଗତ ବାହାଦଲପୁର ସ୍ଥିତ ହରିହାଟ ପଡ଼ିଆରେ ଥିବା ଟାଟା ପାୱାରର ବିଦ୍ୟୁତ ଟ୍ରାନ୍ସଫର୍ମରଟି ବିପଦଜନକ ଅବସ୍ଥାରେ ରହିଥିବାରୁ ଏହାର ସଂସ୍ପର୍ଶରେ ଆସି ଆଜି ବାହାଦଲପୁର ଗ୍ରାମର କମଳାକାନ୍ତ ମହାପାତ୍ରଙ୍କ ର ଏକ ଗର୍ଭଣୀ ଗାଇର ମୃତ୍ୟୁ ହୋଇଛି। ସୁରକ୍ଷା ବାଡ ନଥିବାରୁ ଟ୍ରାନ୍ସଫର୍ମରଟି ଚାର୍ଜ ହୋଇଯିବାରୁ ଏହି ଅଘଟଣ ଘଟିଛି। ଗ୍ରାମବାସୀ ଙ୍କ କହିବାକଥା ଟ୍ରାନ୍ସଫର୍ମରଟି ର ସୁରକ୍ଷା ବାଡ ପାଇଁ ବହୁବାର ଦାବି କରି ନିରାଶ ହେବାକୁ ପଡିଥିଲା। ଆଜିର ଏହି ଅଘଟଣ ପାଇଁ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଦାୟୀ କରିଛନ୍ତି ଗ୍ରାମର ଗ୍ରାମବାସୀ। ମୃତ ଗାଇର ମାଲିକ କମଳାକାନ୍ତଙ୍କୁ କ୍ଷତିପୂରଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo